## ସଂକ୍ଷେପରେ

### ବରିଷ୍ଠ ନାଗରିକ ମଞ୍ଚର ବାର୍ଷିକୋତ୍ସବ

ପୁରୁଣା ଭୁବନେଶ୍ୱର,୨୮।୮(ସୁବାସ ଚନ୍ଦ୍ର ପ୍ରଧାନ)

ଭୀମଟାଙ୍ଗିସ୍ଥିତ ବତ୍ରିଶ ସିଂହାସନ ବରିଷ୍ଠ ନାଗରିକ ମଞ୍ଚର ବାର୍ଷିକ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ସଭାପତି ଗଣେଶ କୁମାର ପ୍ରଧାନ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, କର୍ପୋରେଟର ଶିବ ନାରାୟଣ ରାୟ ଓ ହେଲ୍ପ ଏଜ୍ ଇଣ୍ଡିଆର ଓଡ଼ିଶା ମୁଖ୍ୟ ଭାରତୀ ଚକ୍ର ସମ୍ମାନିତ ଅତିଥିଭାବେ ଯୋଗଦେଇ ବରିଷ୍ଠ ନାଗରିକଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମାନସ ରଞ୍ଜନ ପଟ୍ଟନାୟକ, ପଦ୍ମନାଭ ଷଡ଼ଙ୍ଗୀ, ଶଙ୍କର ମହାପାତ୍ର, ଗୋଲକ ନାୟକଙ୍କ ସମେତ ବହୁ ବରିଷ୍ଠ ନାଗରିକ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

### ଅଭିନବ ଉପାୟରେ ଲୁଟ୍
#### ଯାତ୍ରୀଙ୍କୁ ଚକ୍‌ମା ଦେଖାଇ ଅଟୋ ଚାଳକ ଚମ୍ପଟ

ଭୁବନେଶ୍ୱର,୨୮।୮

ରାଜଧାନୀ ଭୁବନେଶ୍ୱରରେ ଚାଲୁଥିବା ମୋ ବସରେ ଅନେକ ସମୟରେ ଯାତ୍ରୀଙ୍କ ଠାରୁ ଲୁଟପାଟ ହେବା ଖବର ନଜରକୁ ଆସେ । ହେଲେ ଏବେ ଅଟୋରେ ମଧ୍ୟ ଯାତାୟାତ କରୁଥିବା ଯାତ୍ରୀମାନେ ସୁରକ୍ଷିତ ନୁହନ୍ତି। କେତେକ ଲୁଟେରା ଅଟୋ ଚାଳକ ସାଜି ଅଭିନବ ଢଙ୍ଗରେ ଯାତ୍ରୀଙ୍କୁ ଏକାକୀ ଦେଖି ଚକ୍‌ମା ଦେବାକୁ ପଛାଉ ନାହାନ୍ତି। ସୋମବାର ଦିନ ଏଭଳି ଏକ ଘଟଣା ଅଟୋରେ ଯାତ୍ରା କରୁଥିବା ଜଣେ ମହିଳା ଯାତ୍ରୀଙ୍କ କ୍ଷେତ୍ରରେ ଦେଖିବାକୁ ମିଳିଛି । ଅପରାହ୍ନ ୨ଟା ୧୫ ମିନିଟରେ ସମ୍ପୃକ୍ତ ମହିଳା ଜଣକ ଭୁବନେଶ୍ୱର ଆଚାର୍ଯ୍ୟବିହାର ଛକରୁ ଏକ ଲାଇନ ଅଟୋରେ ଉଠିଥିଲେ। ଉଠିବା ବେଳେ ଜଣେ ଯୁବକ ବସିଥିଲେ। ସେ ବାଣୀବିହାର ଛକରେ ଓହ୍ଲାଇ ଯିବା ପରେ ଜଣେ ଯୁବତୀ ଉଠିଥିଲେ। ସେ ମଧ୍ୟ ସତ୍‌ସଙ୍ଗ ପାଖରେ ଓହ୍ଲାଇ ଯାଇଥିଲେ । ମହିଳା ଜଣକ ରସୁଲଗଡ ଛକ ଆସିବାର ଥିଲା । ସେ ରସୁଲଗଡ ଗୋଲାଇ ଛକ ପୂର୍ବରୁ ଡାହାଣ ପାର୍ଶ୍ୱକୁ ଆସିବା ପାଇଁ ଥିବା ପ୍ରଥମ କଟର ନିକଟରେ ଅଟୋରୁ ଓହ୍ଲାଇ ଭଡା ବାବଦରେ ଚେଞ୍ଜ ନ ଥିବାରୁ ୨ ଶହ ଟଙ୍କା ଦେଇଥିଲେ । କିନ୍ତୁ ଅଟୋ ଚାଳକ ଜଣକ ଭଡା ବାବଦ ୨୦ ଟଙ୍କା ରଖି ବାକି ଟଙ୍କା ନ ଫେରାଇ ବାହାନା କରି ନିଜ ମୋବାଇଲ ଚାର୍ଜର ଦେଖି ସମୟ ଗଡାଇଲେ । ପରେ ଏପଟ ସେପଟ ଚାହିଁ ହଠାତ୍ ଅଟୋକୁ ଜୋରରେ ଚଳାଇ ପଳାଇ ଯାଇଥିଲେ । ସମ୍ପୃକ୍ତ ଅଟୋ ଚାଳକଙ୍କ ବୟସ ୨୦-୨୨ ବର୍ଷ ଭିତରେ ହେବ ଓ ସେ କଥା ପ୍ରସଙ୍ଗରେ ତାଙ୍କ ଘର ସାଲିଆ ସାହିରେ ବୋଲି କହିଥିଲେ । ତାଙ୍କ କହିବା ଅନୁଯାୟୀ ତାଙ୍କ ବାପା ଓ ଭାଇମାନେ ମଧ୍ୟ ଅଟୋ ଚଳାଇଥାନ୍ତି । ପୋଲିସ ଏ ଦିଗରେ ବିହିତ ପଦକ୍ଷେପ ନେବାକୁ ଦାବି ହେଉଛି।

### ବ୍ରାଉନ୍‌ସୁଗାର ଜବତ, ୨ ଗିରଫ

ନିରାକାରପୁର,୨୮।୮(ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ଜଙ୍କିଆ ଓ ସିକୋ ପୋଲିସ ସୋମବାର ଚଢ଼ାଉ କରି ହଜସ୍ଥିତ ଶାଗୁଆନ ବଗିଚାରୁ ଦୁଇଜଣ ବ୍ରାଉନ୍‌ସୁଗାର ବେପାରୀଙ୍କୁ ଗିରଫ କରିଛି। ସେମାନେ ହେଲେ ଖୋର୍ଦ୍ଧା ମଡେଲ ଥାନା ଗୁରୁଜଙ୍ଗ ମଙ୍ଗଳାଲେନର କିଶୋର ସାହୁ (୨୩) ଓ ଜଙ୍କିଆ ଥାନା ଅଧୀନ ହଜ ପାଇକସାହିର ନିରଞ୍ଜନ ପଲେଇ। ଏମାନଙ୍କ ନିକଟରୁ ୧୨.୫୭ ଗ୍ରାମ୍ ବ୍ରାଉନ୍‌ସୁଗାର ଓ ବାଇକ୍ (ଓଡି଼୦୨ ବିଜେଡ୍ ୨୬୮୩)ଜବତ ହୋଇଛି। ତେବେ ଜବତ ବ୍ରାଉନ୍‌ସୁଗାରର ଆନୁମାନିକ ମୂଲ୍ୟ ୧ଲକ୍ଷ ୩୦ହଜାର ଟଙ୍କା ହେବ। ଏନେଇ ଥାନାରେ ଏକ ମାମଲା (ନଂ.୨୮୨/୨୩) ରୁଜୁ ପରେ ଉପରୋକ୍ତ ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟଚାଲାଣ କରାଯାଇଛି। ଏହି କାରବାରରେ ଅନ୍ୟ କେଉଁମାନଙ୍କ ସମ୍ପୃକ୍ତି ରହିଛି ସେ ନେଇ ତଦନ୍ତ ଚାଲିଛି ବୋଲି ଥାନା ଅଧିକାରୀ ପ୍ରଜ୍ଞା ରତୁମରା କର ସୂଚନା ଦେଇଛନ୍ତି।

# ଜମି ଦେବା ନାଁରେ ୫୭ ଲକ୍ଷ ଠକେଇ
## ରିୟଲ ଇଷ୍ଟେଟ୍ ସଂସ୍ଥା ନାଁରେ ମାମଲା

ଭୁବନେଶ୍ୱର,୨୮।୮
(ସୂର୍ଯ୍ୟକାନ୍ତ ବେହେରା)

ରାଜଧାନୀରେ ଜମି ଠକେଇ ଅଭିଯୋଗ ବଢ଼ି ଚାଲିଛି। ଜମି ଦେବା ନାଁରେ ୫୭ ଲକ୍ଷ ଠକେଇ ହୋଇଥିବାନେଇ ଶହୀଦନଗର ଥାନାରେ ଅଭିଯୋଗ ହୋଇଛି। ଠକେଇର ଶିକାର ହୋଇଥିବା ବାଲେଶ୍ୱରର ବନମାଳି ନାୟକ ଏହି ଥାନାଞ୍ଚଳରେ ଥିବା ଏକ ରିୟଲ ଇଷ୍ଟେଟ୍ ସଂସ୍ଥା ନାଁରେ ଏତଲା ଦେବା ପରେ ପୋଲିସ ଆଇପିସିର ଦଫା ୪୨୦ ଓ ୩୪ରେ ଏକ ମାମଲା ନଂ.୩୧୯ ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ଅଭିଯୋଗ ଅନୁସାରେ, ବନମାଳି ରାଜଧାନୀରେ ଏକ ଜମି କିଣିବା ପାଇଁ ବୁଝାବୁଝି କରୁଥିବାବେଳେ ୨୦୨୧ ଅଗଷ୍ଟରେ ଚିତ୍ରାସେନ ବେହେରା ନାମକ ଜଣେ ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସିଥିଲେ। ଚିତ୍ରାସେନ ଭଲ ପ୍ଲଟ୍ ଦେବାକୁ କହି ଉକ୍ତ ରିୟଲ ଇଷ୍ଟେଟ ସଂସ୍ଥାର ନିର୍ଦ୍ଦେଶିକାଙ୍କ ସହ ବନମାଳିଙ୍କୁ ପରିଚିତ କରାଇଥିଲେ। ସଂସ୍ଥାର ନିର୍ଦ୍ଦେଶିକା ରାଜଧାନୀ ଉପକଣ୍ଠରେ ଏକ ପ୍ଲଟ ଯୋଗାଇଦେବାକୁ ବନମାଳିଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ପାଣ୍ଡରା ମୌଜାରେ ଏକ ୩ହଜାର ବର୍ଗଫୁଟର ଏକ ଜମିକୁ ୬୭ ଲକ୍ଷ ଟଙ୍କାରେ କିଣିବାକୁ ବନମାଳି ରାଜି ହୋଇଥିଲେ। ସେହିବର୍ଷ ଅକ୍ଟୋବର ୨୯ରେ ବନମାଳି ଏବଂ ଚିତ୍ରାସେନ ଓ ରିଅଲ ଇଷ୍ଟେଟ ସଂସ୍ଥା ମଧ୍ୟରେ ଏକ ଚୁକ୍ତିନାମା ହୋଇଥିଲା। ଚୁକ୍ତି ଅନୁସାରେ ଅଗ୍ରୀମ ବାବଦକୁ ବନମାଳି ୧୭ ଲକ୍ଷ ଟଙ୍କା ଓ ରେଜିଷ୍ଟ୍ରେଶନ ପାଇଁ ୧ ଲକ୍ଷ ସେମାନଙ୍କୁ ଦେଇଥିଲେ। ହେଲେ ନିର୍ଦ୍ଧାରିତ ସମୟରେ ସଂସ୍ଥା କୌଣସି ଜମି ଦେଇପାରି ନ ଥିଲା। ପରେ ପାଣ୍ଡରା ମୌଜାରେ ଆଉଏକ ପ୍ଲଟ୍ ଯୋଗାଇଦେବାକୁ କହି ପର୍ଯ୍ୟାୟକ୍ରମେ ପୁଣି ବନମାଳିଙ୍କଠାରୁ ୩୯ ଲକ୍ଷରୁ ଅଧିକ ଟଙ୍କା ନେଇଥିଲେ। ଏହିଭଳି ମୋଟ ୫୭ ଲକ୍ଷରୁ ଅଧିକ ଟଙ୍କା ନେଇଯିବା ପରେ ଜମି ଦେଇ ନ ଥିଲେ। ଏପରିକି ଚିତ୍ରସେନ ଓ ସଂସ୍ଥାର ନିର୍ଦ୍ଦେଶିକା ବନମାଳିଙ୍କୁ ଧରାଛୁଆଁ ଦେଇ ନ ଥିଲେ। ଫଳରେ ବନମାଳି ୨୦୨୩ ଅଗଷ୍ଟ ୮ରେ ଥାନାରେ ଅଭିଯୋଗ କରିବା ପରେ ସଂସ୍ଥାର ନିର୍ଦ୍ଦେଶିକା ୨ ଲକ୍ଷ ଟଙ୍କା ଦେଇ ବାକି ସବୁ କିସ୍ତିରେ ଫେରସ୍ତ କରିବାକୁ ଚୁକ୍ତି କରିଥିଲେ। ସେହି ଅନୁଯାୟୀ, ୧୦ ଲକ୍ଷ ଟଙ୍କା ଓ ୭ ଲକ୍ଷ ଟଙ୍କାର ଦୁଇଟି ଚେକ ମଧ୍ୟ ଦେଇଥିଲେ। ହେଲେ ଉକ୍ତ ଆକାଉଣ୍ଟରେ ଟଙ୍କା ନ ଥିବାରୁ ଓ ଦସ୍ତଖତ ମେଳ ନ ଖାଇବାରୁ ଉଭୟ ଚେକ ବାଉନ୍ସ ହୋଇଯାଇଥିଲା। ଶେଷରେ ଅନ୍ୟ କୌଣସି ଉପାୟ ନ ପାଇ ବନମାଳି ଶହୀଦନଗର ଥାନାରେ ପୁଣି ଅଭିଯୋଗ କରିଥିଲେ।



ସ୍ଥାୟୀ ନିଯୁକ୍ତି ସହ ୬ ଦଫା ଦାବି ନେଇ ଓଡ଼ିଶା ରାଜ୍ୟ ଯୋଗାଣ ସହାୟକ ସଂଘ ପକ୍ଷରୁ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଧାରଣା ଦିଆଯିବା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି। (ଫଟୋ-ମନୋରଞ୍ଜନ ମିଶ୍ର)

## ୬ ଦଫା ଦାବିରେ ଯୋଗାଣ ସହାୟକଙ୍କ ଆନ୍ଦୋଳନ

ଭୁବନେଶ୍ୱର,୨୮।୮

୬ ଦଫା ଦାବି ନେଇ ଓଡ଼ିଶା ରାଜ୍ୟ ଯୋଗାଣ ସହାୟକ ସଂଘ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସୋମବାର ଲୋୟର ପିଏମ୍‌ଜିରେ ପ୍ରାୟ ୨ ହଜାର ଯୋଗାଣ ସହାୟକ ପହଞ୍ଚି ଦାବି ପୂରଣ ପାଇଁ ନାରାବାଜି କରିବା ସହ ବିଧାନସଭା ଆଡ଼କୁ ମୁହାଁଇଥିଲେ। ତେବେ ବାଟରେ ପୋଲିସ୍ ଅଟକାଇବାରୁ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଦାବି ପୂରଣ ନ ହେବା ଯାଏ ଆନ୍ଦୋଳନକାରୀମାନେ ବିକ୍ଷୋଭ ସ୍ଥଳ ଛାଡ଼ିବେ ନାହିଁ ବୋଲି ଚେତାବନୀ ଦେଇଛନ୍ତି। ଯୋଗାଣ ସହାୟକଙ୍କ ଚାକିରି ସ୍ଥାୟିତ୍ୱ ଓ ମାସିକ ଦରମା ୨୫ ହଜାର ଟଙ୍କାକୁ ବୃଦ୍ଧି ମୂଳଦାବି ରହିଥିବାବେଳେ ଅନ୍ୟ ଦାବିଗୁଡ଼ିକ ମଧ୍ୟରେ ଯୋଗାଣ ସହାୟକଙ୍କ ନାମରେ ପିଡିଏସ୍ ଲାଇସେନ୍ସ, କାର୍ଯ୍ୟରତ ଯୋଗାଣ ସହାୟକଙ୍କୁ ମୃତ୍ୟୁକାଳୀନ ସହାୟତା ରାଶି ପ୍ରଦାନ ସହ ପରିବାର ବର୍ଗର ଜଣେ ସଦସ୍ୟଙ୍କୁ ସରକାରୀ ଚାକିରି ପ୍ରଦାନ ଆଦି ରହିଛି। ସେହିପରି ଯୋଗାଣ ସହାୟକଙ୍କୁ ପଞ୍ଚାୟତିରାଜ ବିଭାଗରୁ ନିବୃତ୍ତ କରି ଯୋଗାଣ ବିଭାଗରେ ଅନ୍ତର୍ଭୁକ୍ତ କରିବା ପାଇଁ ଦାବିପତ୍ରରେ ଦର୍ଶାଯାଇଛି। ଇ-ପିଓଏସ୍ ଡିଭାଇସ୍ ପରିଚାଳନାର ପ୍ରୋତ୍ସାହନ ରାଶି ଯୋଗାଣ ସହାୟକଙ୍କୁ ପ୍ରଦାନ ସହ ମାସିକ ପିଡିଏସ୍ ଆବଣ୍ଟନରେ ୨ ପ୍ରତିଶତ ନିଅଣ୍ଟକୁ ଭରଣା କରାଯାଉ ବୋଲି ଆନ୍ଦୋଳନାକାରୀମାନେ କହିଛନ୍ତି। ତୁରନ୍ତ ଦାବି ପୂରଣ ନ ହେଲେ ଆନ୍ଦୋଳନ ତୀବ୍ରତର ହେବ ବୋଲି ଆବାହକ ଜୟନ୍ତ କୁମାର ପ୍ରଧାନ କହିଛନ୍ତି।

## ବ୍ଲକର ପ୍ରତ୍ୟେକ ଗାଁରେ ହେବ ପଦଯାତ୍ରା

ବାଲିଅନ୍ତା,୨୮।୮(ନୀଳମାଧବ ସାହୁ)

ଜୟଦେବ ନିର୍ବାଚନମଣ୍ଡଳୀର ବାଲିଅନ୍ତା ବ୍ଲକସ୍ତରୀୟ ସାଂସଦ କ୍ରୀଡ଼ା ସମ୍ମାନ ଉତ୍ସବ ଗୋଡକବିନ୍ଧସ୍ଥିତ ସୀତାରାମେଶ୍ୱର ମନ୍ଦିର ପରିସରରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ରୂପେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଯୋଗଦେଇ ୫୦ଟି ଟିମ୍‌କୁ କ୍ରିକେଟ୍ ଓ ଭଲିବଲର ଉପକରଣ ବଣ୍ଟନ କରିଥିଲେ। ଅପରାଜିତା ଅଭିଭାଷଣରେ ବାଲିଅନ୍ତା ବ୍ଲକର ପ୍ରତ୍ୟେକ ଗାଁରେ ଆଗାମୀ ଦିନରେ ପଦଯାତ୍ରା କରାଯିବ। ଲୋକଙ୍କ ସମସ୍ୟା ବୁଝିବା ଓ ଏହାର ସମାଧାନ ଦିଗରେ କାର୍ଯ୍ୟ କରାଯିବ ବୋଲି କହିଥିଲେ। ଲୋକଙ୍କୁ ସଚେତନ କରାଯାଇ ଏହି ଅଞ୍ଚଳରେ ବିକାଶ କରିବାର ଅଛି। ଆଗାମୀ ୨୫ ବର୍ଷ ପାଇଁ ବିକାଶ ଯାତ୍ରାରେ ଜୟଦେବ ନିର୍ବାଚନମଣ୍ଡଳୀର ଲୋକଙ୍କ ସହିତ ରହିବାର ଅଛି ବୋଲି ଅପରାଜିତା କରିଥିଲେ। ଉତ୍ସବରେ ରଶ୍ମିରଞ୍ଜନ ମହାପାତ୍ର, ନିକୁଞ୍ଜ ପଟ୍ଟନାୟକ ତାପସ ଜେନା, ବସନ୍ତ ନାୟକ, ଶିବ ମଲ୍ଲିକ, ମାଗୁଣି ସେଠୀ, ସଞ୍ଜୟ ପରିଜା, ଝିଲି ସାମନ୍ତରାୟ, ସିଦ୍ଧେଶ୍ୱର ନାଥ, ଅଶୋକ ପଟ୍ଟନାୟକ, ସଞ୍ଜୟ ତ୍ରିପାଠୀ, ବିଜୟ ମହାରଣା, ସବିତା ପଟ୍ଟନାୟକ, ଦେବେନ୍ଦ୍ର ସାହୁଙ୍କ ସମେତ ବହୁ କର୍ମୀ ଯୋଗଦେଇଥିଲେ। ପୂର୍ବରୁ ୩ଟି ସ୍ଥାନରେ ଏମ୍‌ପି ବିରୋଧର ସମ୍ମୁଖୀନ ହୋଇଥିବାରୁ ଏହାକୁ ଦୃଷ୍ଟିରେ ରଖି କମିଶନରେଟ୍ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ବିଶୃଙ୍ଖଳା ସୃଷ୍ଟି ହେବାର ଆଶଙ୍କା କରି ପୋଲିସ ବରିଷ୍ଠ ଅଧିକାରୀଙ୍କ ସମେତ ଏସିପି ଶୁଭନାରାୟଣ ମୁଦୁଲି, ବାଲିଅନ୍ତା ଥାନା ଅଧିକାରୀ ଯୁବରାଜ ସ୍ୱାଇଁ, ବାଲିପାଟଣା ଥାନା ଅଧିକାରୀ ଓମ୍ ପ୍ରକାଶ ମହାନ୍ତି, ଏସ୍‌ଆଇ ସ୍ୱାତୀ ସାହୁଙ୍କ ସମେତ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା।

## ପ୍ରତିଦ୍ୱନ୍ଦ୍ୱିତା ମୁକାବିଲା ପାଇଁ ଦକ୍ଷତା ବୃଦ୍ଧି ଆବଶ୍ୟକ


କର୍ମଶାଳାରେ ମୋ' କଲେଜ ଅଭିଯାନ ଅଧ୍ୟକ୍ଷ ଆକାଶ ଦାସନାୟକ ଓ ଅନ୍ୟମାନେ।

### 'ମୋ କଲେଜ ଅଭିଯାନ' ଓ 'ଥିଙ୍କ ଜୋନ୍‌ସ' ମଧ୍ୟରେ ଏମ୍‌ଓୟୁ

ଭୁବନେଶ୍ୱର, ୨୮।୮(ଅସମାପିକା ସାହୁ)

'ମୋ କଲେଜ ଅଭିଯାନ ପରିଚାଳନା ସଂଗଠନ' ଏବଂ 'ଥିଙ୍କ ଜୋନ୍‌ସ' ମଧ୍ୟରେ ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇଛି। ଛାତ୍ରୀଛାତ୍ରଙ୍କୁ ଅଧିକ କୁଶଳୀ କରିବା ସହ ଗୁଣାତ୍ମକ ନିଯୁକ୍ତି ସୁଯୋଗ ଦେବା ଉଦ୍ଦେଶ୍ୟରେ ଏହି ଏମ୍‌ଓୟୁ ହୋଇଛି। ବିଶେଷକରି ଏକବିଂଶ ଶତାବ୍ଦୀ ସହ ତାଳଦେଇ ଡିଜିଟାଲ ଦକ୍ଷତା, ଅର୍ଥନୈତିକ ଅଭିଜ୍ଞତା, କ୍ଷୁଦ୍ର-ଉଦ୍ୟୋଗ ପ୍ରତିଷ୍ଠା ଏବଂ ଅନ୍ୟାନ୍ୟ ଅତ୍ୟାଧୁନିକ ସେବା ତଥା ସୁଯୋଗ ସମ୍ପର୍କରେ ଅବଗତ କରାଇବା ନେଇ ଏହି ଅଭିଯାନ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ପ୍ରଥମଥର ପାଇଁ ସୋମବାର ଭୁବନେଶ୍ୱରର ମହର୍ଷି ମହିଳା ମହାବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ଦକ୍ଷତା ବିକାଶ ନେଇ ଏକ କର୍ମଶାଳା ଆୟୋଜିତ ହୋଇଛି। କାର୍ଯ୍ୟକ୍ରମରେ 'ମୋ କଲେଜ ଅଭିଯାନ' ଅଧ୍ୟକ୍ଷ ଆକାଶ ଦାସନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ମାର୍ଗଦର୍ଶନ କରିଥିଲେ। ଆଧୁନିକ ଯୁଗରେ ପ୍ରତିଦ୍ୱନ୍ଦ୍ୱିତାକୁ ମୁକାବିଲା କରିବା ପାଇଁ ଉନ୍ନତ ଜ୍ଞାନ କୌଶଳ ଓ ଦକ୍ଷତା ବୃଦ୍ଧି ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିସହ 'ମୋ କଲେଜ ଅଭିଯାନ'ରେ ସାମିଲ ହୋଇ ନିଜ ଅନୁଷ୍ଠାନର ବିସ୍ତୃତ ବିକାଶ ନିମନ୍ତେ ଅଧ୍ୟକ୍ଷ ନାୟକ ଆହ୍ୱାନ ଦେଇଥିଲେ। 'ଥିଙ୍କଜୋନ୍‌ସ'ର ସିଇଓ ବିନାୟକ ଆଚାର୍ଯ୍ୟ ଯୋଗଦେଇ ଏହି ତାଲିମ ଶିବିର କିପରି ଓଡ଼ିଶାରେ ଶିକ୍ଷାର ଭବିଷ୍ୟତ ଯୁଗକୁ ଅଧିକ ତ୍ୱରାନ୍ୱିତ କରିପାରିବ ସେ ସମ୍ବନ୍ଧରେ ମତ ରଖିଥିଲେ। 'ମୋ କଲେଜ' ସଂଯୋଜକ ସ୍ୱପ୍ନା ସାହୁ, ମହର୍ଷି ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ସୁଶ୍ରୀ ରେଖା ମହାନ୍ତି ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମହାବିଦ୍ୟାଳୟର ଶିକ୍ଷକ, କର୍ମଚାରୀ, ଛାତ୍ରୀଛାତ୍ର ଓ ଆଲୁମ୍‌ନି ସହଯୋଗ କରିଥିଲେ।

## ମେଡିକୋ-ଲିଗାଲ୍ ଫ୍ୟାସିଲିଟେଶନ୍ କେନ୍ଦ୍ରର ଶୁଭାରମ୍ଭ

ଭୁବନେଶ୍ୱର,୨୮।୮(ସତ୍ୟଜିତ୍ ରାଉତ)

ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ ପରିସରରେ ଥିବା କ୍ୟାପିଟାଲ ଥାନା ଫାଣ୍ଡିରେ ସୋମବାର ମେଡିକୋ-ଲିଗାଲ୍ ଫ୍ୟାସିଲିଟେଶନ୍ କେନ୍ଦ୍ରର ଶୁଭାରମ୍ଭ ହୋଇଛି। ରାଜ୍ୟ ସଭା ସଦସ୍ୟ ସୁଜିତ କୁମାର ମୁଖ୍ୟ ଅତିଥି ଭାବେ ଏହି କେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ। ମେଡିକୋ-ଲିଗାଲ୍ କେସ୍‌ରେ ଦୁର୍ଘଟଣା କିମ୍ବା କୌଣସି ବ୍ୟକ୍ତିଙ୍କ ସମ୍ପର୍କୀୟଙ୍କ ମୃତ୍ୟୁ ହେଲେ ସେମାନଙ୍କ ମୃତଦେହ ବ୍ୟବଚ୍ଛେଦ ସମୟରେ ବିଭିନ୍ନ ସମସ୍ୟା ଦେଖାଯାଇଥାଏ। ଏହାକୁ ଦୂର କରିବା ପାଇଁ ଭୁବନେଶ୍ୱର ଯୁପିଡି ପକ୍ଷରୁ ଏହି କେନ୍ଦ୍ର ଖୋଲାଯାଇଛି। ଏଠାକୁ ଆସୁଥିବା ଲୋକଙ୍କୁ ଅତି କମ୍ ସମୟରେ ସମସ୍ତ ସୁବିଧା କିପରି ଯୋଗାଇ ଦିଆଯିବ ସେଥିପ୍ରତି ବିଶେଷ ଗୁରୁତ୍ୱ ଦିଆଯିବ। ଏଥିରେ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ, କ୍ୟାପିଟାଲ୍ ହସ୍ପିଟାଲ ନିର୍ଦ୍ଦେଶକ ଡା. ଲକ୍ଷ୍ମୀଧର ସାହୁ, ଅତିରିକ୍ତ ପୋଲିସ କମିଶନର ଉମାଶଙ୍କର ଦାଶ, ଭୁବନେଶ୍ୱର ଡିସିପି ପ୍ରତୀକ ସିଂ ପ୍ରମୁଖ ଉପସ୍ଥିତ ଥିଲେ।



ରାଜ୍ୟ ସଭା ସଦସ୍ୟ ସୁଜିତ କୁମାର ମେଡିକୋ-ଲିଗାଲ୍ ଫ୍ୟାସିଲିଟେଶନ୍ କେନ୍ଦ୍ରକୁ ଉଦ୍‌ଘାଟନ କରୁଛନ୍ତି।

## ୫ରୁ ଓଏମ୍‌ସି ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ଉତ୍ସବ

ଭୁବନେଶ୍ୱର,୨୮।୮
(ଅନୁରାଧା ମହାରଣା)

- ସୋନାଲ ମହାପାତ୍ର, ଅନନ୍ତ ମହାପାତ୍ର ପାଇବେ ଓଏମ୍‌ସି ଜିକେସିଏମ୍ ପୁରସ୍କାର
- ୪ଜଣଙ୍କୁ 'ଓଏମ୍‌ସି ଗୁରୁ କେଳୁଚରଣ ମହାପାତ୍ର ଯୁବପ୍ରତିଭା ସମ୍ମାନ'

ଗୁରୁ କେଳୁଚରଣ ମହାପାତ୍ରଙ୍କ ସ୍ମୃତିରେ ଓଡ଼ିଶୀ ନୃତ୍ୟାନୁଷ୍ଠାନ ସୃଜନ ଓ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ନୃତ୍ୟବାସ ୩୦ବର୍ଷ ଧରି ବାର୍ଷିକ ଶାସ୍ତ୍ରୀୟ ନୃତ୍ୟ ଓ ସଙ୍ଗୀତ ଉତ୍ସବ ଆୟୋଜନ କରିଆସୁଛି। ଏହି କ୍ରମରେ ଆସନ୍ତା ସେପ୍ଟେମ୍ବର ୫ରୁ ୨୯ତମ ଓଏମ୍‌ସି ଗୁରୁ କେଳୁଚରଣ ମହାପାତ୍ର (ଜିକେସିଏମ୍) ପୁରସ୍କାର ଉତ୍ସବ ଆରମ୍ଭ ହେବ। ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ସହଯୋଗରେ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଏହା ୯ ତାରିଖ ପର୍ଯ୍ୟନ୍ତ ଚାଲିବ। ଚାରୋଟି ସନ୍ଧ୍ୟାର ଆକର୍ଷଣୀୟ ନୃତ୍ୟ ଓ ସଙ୍ଗୀତ ପରିବେଷଣ ପରେ ପଞ୍ଚମ ଦିନରେ ଏହି ପ୍ରତିଷ୍ଠିତ ପୁରସ୍କାର ପ୍ରଦାନ କରାଯିବ। ଚଳିତବର୍ଷ ଓଡ଼ିଶୀ ନୃତ୍ୟରେ ଅତୁଳନୀୟ ଅବଦାନ ପାଇଁ ଡ. ସୋନାଲ ମାନସିଂହ ଓ ରଙ୍ଗମଞ୍ଚ କ୍ଷେତ୍ରରେ ଉଲ୍ଲେଖନୀୟ ଜୀବନବ୍ୟାପୀ ଉପଲବ୍ଧି ପାଇଁ ଅନନ୍ତ ମହାପାତ୍ରଙ୍କୁ 'ଓଏମ୍‌ସି ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର' ପ୍ରଦାନ କରାଯିବ। ପୁରସ୍କାର ସ୍ୱରୂପ ୧ଲକ୍ଷ ଟଙ୍କାର ଅର୍ଥରାଶି ସହିତ ମାନପତ୍ର ପ୍ରଦାନ କରାଯିବ। ସେହିପରି ଓଡ଼ିଶୀ ନୃତ୍ୟ ପାଇଁ ଅରୂପା ଗାୟତ୍ରୀ ପଣ୍ଡା ଓ ସିଦ୍ଧି ୱାଇକର୍, କଥକ ନୃତ୍ୟ ପାଇଁ ବିଶାଲ କୃଷ୍ଣ ଏବଂ ଓଡ଼ିଶୀ ବାଦ୍ୟ ସଙ୍ଗୀତ (ମର୍ଦ୍ଦଳ ବାଦନ) ପାଇଁ ଅରୂପ ଦାସଙ୍କୁ 'ଓଏମ୍‌ସି ଗୁରୁ କେଳୁଚରଣ ମହାପାତ୍ର ଯୁବପ୍ରତିଭା ସମ୍ମାନ' ପ୍ରଦାନ କରାଯିବ। ପୁରସ୍କାର ବାବଦକୁ ୨୫ ହଜାର ଟଙ୍କାର ପୁରସ୍କାର ରାଶି ସହିତ ମାନପତ୍ର ଦିଆଯିବ।

ଉତ୍ସବରେ ଶାଶ୍ୱତୀ ଗରାଇ ଘୋଷଙ୍କ ଓଡ଼ିଶୀ, ଲାଲଗୁଡି ଡିଜେଆର୍ କ୍ରିଷ୍ଣନ ଓ ଲାଲଗୁଡି ବିଜୟଲକ୍ଷ୍ମୀଙ୍କ ଦ୍ୱାରା କର୍ଣ୍ଣାଟକ ସଂଗୀତ ପରିବେଷଣ କରାଯିବ। ଦ୍ୱିତୀୟ ସନ୍ଧ୍ୟାରେ ଶିଲା ମେହେଟ୍ଟା, ପି. ପ୍ରବୀଣ କୁମାର, ଅମୃତା ଲାହିରୀଙ୍କ ନୃତ୍ୟ ପରିବେଷଣ ଦେଖିବାକୁ ମିଳିବ। ଜୟତୀର୍ଥ ମେଭୁଣ୍ଡିଙ୍କ ଦ୍ୱାରା ହିନ୍ଦୁସ୍ତାନୀ କଣ୍ଠସଙ୍ଗୀତ, ନୀଳାଦ୍ରି କୁମାରଙ୍କ ଦ୍ୱାରା ସିତାର ବାଦନ ଏବଂ ଆକ୍ରମ ଖାନ୍‌ଙ୍କ ଦ୍ୱାରା ତବଲା ବାଦନ ଅନ୍ୟତମ ଆକର୍ଷଣ ସାଜିବ। ଉଦ୍‌ଯାପନୀ ସନ୍ଧ୍ୟାରେ ଗୁରୁ ରତିକାନ୍ତ ମହାପାତ୍ରଙ୍କ ନେତୃତ୍ୱରେ ସୃଜନର ଶିଳ୍ପୀଙ୍କ ଦ୍ୱାରା 'ଆବାହନମ' ପରିବେଷଣ କରାଯିବ। ଗୁରୁ ରତିକାନ୍ତ ମହାପାତ୍ର ଏହି ନୃତ୍ୟ କାର୍ଯ୍ୟକ୍ରମର ପରିକଳ୍ପନା ଓ ସଂଯୋଜନା କରିଥିବାବେଳେ ଦେବୀପ୍ରସାଦ ମିଶ୍ର ଉପସ୍ଥାପନା କରିବେ। 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ' ମିଡିଆ ପାର୍ଟନର ରହିଛି।



ଖବରଦାତା ସମ୍ମିଳନୀରେ ଉତ୍ସବ ଓ ପୁରସ୍କାର ସମ୍ପର୍କରେ ସୂଚନା ଦିଆଯାଉଛି।



ୱାର୍ଡ ନଂ.୫୩ ଅନ୍ତର୍ଗତ ପଳାସପଲ୍ଲୀ ଲେନ୍ ନଂ.୯ ରାସ୍ତାର ଦୁରବସ୍ଥାକୁ ନେଇ ଭାଜପା ନେତା ତାପସ ଦଳାଇ ଓ ସମର୍ଥକଙ୍କ ସହ ଉକ୍ତ ରାସ୍ତାରେ ଧାରଣା ଦେଇଛନ୍ତି।



କଲେଜରେ ନିର୍ବାଚନ ଦାବି କରି ଏନ୍‌ଏସ୍‌ୟୁଆଇ ପକ୍ଷରୁ ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକଙ୍କ ସରକାରୀ ବାସଭବନ ସମ୍ମୁଖରେ ବିକ୍ଷୋଭ। (ମନୋରଞ୍ଜନ ମିଶ୍ର)



ଶ୍ରମିକଙ୍କୁ ପୁନଃନିଯୁକ୍ତି ଓ ବକେୟା ଦରମା ପ୍ରଦାନ ଦାବିରେ ମାହେଶ୍ୱରୀ ଇସ୍ପାତ କର୍ମଚାରୀ ସଂଘ ପକ୍ଷରୁ ଭୁବନେଶ୍ୱରସ୍ଥିତ ଶ୍ରମ କମିଶନରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ।

**୬୪ ଲିଟର ଦେଶୀମଦ ଜବତ: ୩ ଗିରଫ**

ଆଠଗଡ(ସତ୍ୟ ପ୍ରସାଦ ରଥ): ଆଠଗଡ ଓ ଖୁଣ୍ଟୁଣୀ ଥାନା ଅଞ୍ଚଳରେ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ୬୪ ଲିଟର ଦେଶୀ ମଦ ଜବତ କରାଯାଇଛି। ଏହି ଅଭିଯୋଗରେ ୩ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ନୂଆଶାସନର ଗଣେଶ୍ୱର ସୁତାର, ବନଖଣ୍ଡିର କିଶାନ ସାହୁ ଓ ଧୁରୁଷିଆ କେଉଟପଦାର ବିକାଶ ବେହେରା। ଆଠଗଡ ଅବକାରୀ ସବଇନ୍ସପେକ୍ଟର ସୌମ୍ୟ ରଞ୍ଜନ ମାଝୀଙ୍କ ନେତୃତ୍ୱରେ ଏହି ଚଢ଼ାଉ ହୋଇଥିଲା।

## ସଂକ୍ଷେପରେ

### ମୃତ୍ୟୁ ପୂର୍ବରୁ ଲେଖିଯାଇଛନ୍ତି ୩ ଶେଷ ଇଚ୍ଛା

କଟକ,୨୮।୮(ସୁପ୍ରିୟା ପ୍ରିୟଦର୍ଶିନୀ)

ପ୍ରଖ୍ୟାତ କବି ପଦ୍ମଶ୍ରୀ ଜୟନ୍ତ ମହାପାତ୍ରଙ୍କର ରବିବାର ରାତିରେ ପରଲୋକ ହୋଇଯାଇଛି। ମୃତ୍ୟୁ ପୂର୍ବରୁ ସେ ନିଜର ଶେଷ ଇଚ୍ଛା ଲେଖିଯାଇଛନ୍ତି। ଯେଉଁଥିରେ ସେ ୩ଟି ବିଷୟରେ ଉଲ୍ଲେଖ କରିଛନ୍ତି। ସେଗୁଡ଼ିକ ହେଉଛି, 'ମୋ ମରଶରୀରକୁ ଖାନନଗର ବିଦ୍ୟୁତ ଚୁଲାରେ ଦାହ କରିବ, ପୋତିବ ନାହିଁ। ଯଥାଶୀଘ୍ର ଉପସ୍ଥିତ ବନ୍ଧୁ ଓ ଶୁଭେଚ୍ଛୁଙ୍କ ଗହଣରେ ମୃତଦେହକୁ ଭ୍ୟାନ୍ କିମ୍ବା ଆମ୍ବୁଲାନ୍ସରେ ନେଇ ଦାହ କରିବ। ୩୫ ବର୍ଷ ଧରି ସେବା କରିଆସୁଥିବା ପଡ଼ୋଶୀ ଜେ. ସରୋଜିନୀଙ୍କୁ ଘର ପାଖରେ ୨୦ ଫୁଟରେ ୨୦ ଫୁଟର ଜମି ଦେବ। ସ୍ତ୍ରୀ ଜ୍ୟୋତ୍ସ୍ନା ମହାପାତ୍ର, ପୁଅ ମୋହନ ମହାପାତ୍ର ଏବଂ ମୁଁ ଏ ସମ୍ପର୍କରେ ନିଷ୍ପତ୍ତି ନେଇଛୁ। ସମସ୍ତ ଚିଠିପତ୍ର, ଦସ୍ତାବିଜ, ଅସମ୍ପୂର୍ଣ୍ଣ ପାଣ୍ଡୁଲିପିକୁ ମୃତ୍ୟୁ ପରେ ପୋତିଦେବ ବୋଲି ସେ ଶେଷ ଇଚ୍ଛାପତ୍ରରେ ଉଲ୍ଲେଖ କରିଥିଲେ। କବିଙ୍କ ଶେଷ ଇଚ୍ଛାକୁ ସମ୍ମାନ ଜଣାଇ ତାଙ୍କ ମରଶରୀରକୁ ଆମ୍ବୁଲାନ୍ସ ଯୋଗେ ଖାନନଗର ଶ୍ମଶାନକୁ ନିଆଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା।

### ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କର ଅବସରପ୍ରାପ୍ତ ସହକାରୀ ସମ୍ପାଦକଙ୍କ ପରଲୋକ

ବାଙ୍କୀ,୨୮।୮(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ଅବସରପ୍ରାପ୍ତ ସହକାରୀ ସମ୍ପାଦକ ଦୁଃଖୀଶ୍ୟାମ ମହାପାତ୍ର(୮୩)ଙ୍କ ଡମପଡ଼ା ବ୍ଲକ ଅନ୍ତର୍ଗତ ଭେଡାରାମଚନ୍ଦ୍ରପୁର ଗ୍ରାମସ୍ଥିତ ନିଜ ବାସଭବନରେ ସୋମବାର ପରଲୋକ ଘଟିଛି। ତାଙ୍କ ପରଲୋକ ଖବରପାଇ ବାଙ୍କୀ କଲେଜ ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର, ଅବସରପ୍ରାପ୍ତ ଜିଲା ଜଜ୍ ସୂର୍ଯ୍ୟମଣି ମହାପାତ୍ର, ବାଙ୍କୀ କ୍ରେଡିଟ୍ କୋପରେଟିଭ୍ ବ୍ୟାଙ୍କ ସଭାପତି ସମରେନ୍ଦ୍ର ମହାପାତ୍ର, ଜିଲା ପରିଷଦ ସଦସ୍ୟ ମିନତୀ ମହାପାତ୍ର, ଡ. ଶଶିଭୂଷଣ ମହାପାତ୍ର, ଶିକ୍ଷକ ସରୋଜ କୁମାର ମହାପାତ୍ର, ଘନଶ୍ୟାମ ମହାପାତ୍ର ପ୍ରମୁଖ ଶୋକବ୍ୟକ୍ତ କରିବା ସହ ଦୁଃଖୀଶ୍ୟାମଙ୍କ ବାସଭବନରେ ପହଞ୍ଚି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ଦୁଃଖୀଶ୍ୟାମଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।

### ସ୍ୱପ୍ନେଶ୍ୱର ଦେବ କନିଷ୍ଠ ମହାବିଦ୍ୟାଳୟକୁ ସହାୟତା

ବଡ଼ମ୍ବା,୨୮।୮(ମାୟାଧର ମଲ୍ଲିକ)

ବଡ଼ମ୍ବା ବ୍ଲକ ଅନ୍ତର୍ଗତ ଶଙ୍ଖାମେରୀସ୍ଥିତ ଶ୍ରୀଶ୍ରୀ ସ୍ୱପ୍ନେଶ୍ୱର ଦେବ ଆଞ୍ଚଳିକ କନିଷ୍ଠ ମହାବିଦ୍ୟାଳୟକୁ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସହାୟତା ପାଣ୍ଠିରୁ ୫୦ ଲକ୍ଷ ଟଙ୍କା ଅନୁଦାନ ମିଳିଛି। ଏଥିରେ ମହାବିଦ୍ୟାଳୟର ଭିତ୍ତିଭୂମି ବିକାଶ ସହ ସ୍ମାର୍ଟ ଶ୍ରେଣୀ କକ୍ଷ, ଇ-ପାଠାଗାର, ଶୌଚାଳୟ, ପାନୀୟ ଜଳ ଓ ଖେଳ ପଡ଼ିଆର ଉନ୍ନତିକରଣ ହେବ। ଏନେଇ ମହାବିଦ୍ୟାଳୟ ଅଧ୍ୟକ୍ଷ ନରସିଂହ ରାଉତ, ଅଧ୍ୟାପକ, କର୍ମଚାରୀ, ଛାତ୍ରୀଛାତ୍ରଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀ, ବଡ଼ମ୍ବା ବିଧାୟକ ଓ ୫-ଟି ସଚିବଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି।

### ଗାଡ଼ି ଧକ୍କାରେ କାଉଡ଼ିଆ ଗୁରୁତର

ନିଶ୍ଚିନ୍ତକୋଇଲି,୨୮।୮ (ଅଶୋକ କୁମାର ମହାପାତ୍ର)

ନିଶ୍ଚିନ୍ତକୋଇଲି ବ୍ଲକ କଟକ-ଚାନ୍ଦବାଲି ରାସ୍ତାର କଳାମ୍ବି ଛକ ନିକଟରେ ଏକ ଗାଡି ଧକ୍କାରେ ଜଣେ କାଉଡିଆ ଗୁରୁତର ହୋଇଛନ୍ତି। ଚିକିତ୍ସା ନିମନ୍ତେ ତାଙ୍କୁ ପ୍ରଥମେ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ ଡାକ୍ତରଖାନାରେ ସ୍ଥାନାନ୍ତର କରାଯାଇଛି। ସେ ହେଲେ ନିଶ୍ଚିନ୍ତକୋଇଲି ବ୍ଲକ ବରାଦୋ ଗ୍ରାମର ପୀତବାସ ରାଉତ(୩୩)। ସେ ଜଳାଭିଷେକ ପାଇଁ କଟକ ଗଡ଼ଗଡିଆ ଘାଟରୁ ପାଣିଭାର ନେଇ ସାଥି କାଉଡିଆଙ୍କ ସହ ସ୍ଥାନୀୟ ଶଙ୍କରେଶ୍ୱର ମନ୍ଦିର ଅଭିମୁଖେ ଯାଉଥିଲେ। କଳାମ୍ବି ଛକରେ ଏକ ଗାଡି ତାଙ୍କୁ ଧକ୍କାଦେଇ ପଳାଇ ଯାଇଥିଲା। ସୋମବାର ସକାଳେ ପୀତବାସଙ୍କୁ ଗୁରୁତର ଅବସ୍ଥାରେ ରାସ୍ତା ପାର୍ଶ୍ୱରେ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ସାଲେପୁର ଦମକଳ ବାହିନୀକୁ ଖବର ଦେଇଥିଲେ। ଦମକଳ ବାହିନୀ କର୍ମଚାରୀମାନେ ଘଟଣାସ୍ଥଳରୁ ପୀତବାସଙ୍କୁ ଉଦ୍ଧାର କରିଥିଲେ। ରିପୋର୍ଟ ଲେଖା ହେବାବେଳେକୁ ସାଲେପୁର ଥାନାରେ କୌଣସି ଅଭିଯୋଗ ହୋଇ ନ ଥିଲା।

# ମାସକରେ ୪୦୦ରୁ ଊର୍ଦ୍ଧ୍ୱ ଜ୍ୱରରେ ଆକ୍ରାନ୍ତ

■ ସପ୍ତାହରେ ଟାଙ୍ଗୀ ଚାନ୍ଦପୁରରୁ ୧୨ ଡେଙ୍ଗୁ ରୋଗୀ ଚିହ୍ନଟ
■ ମାଣିଆବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡେଙ୍ଗୁ ପରୀକ୍ଷା ପାଇଁ ବ୍ୟବସ୍ଥା ନାହିଁ

ମାଣିଆବନ୍ଧ,୨୮।୮ (ଅଖିଳ କୁମାର ସାହୁ ):

ରାଜ୍ୟରେ ଡେଙ୍ଗୁରୋଗୀ ସଂଖ୍ୟା କ୍ରମାଗତ ବୃଦ୍ଧି ପାଇବାରେ ଲାଗିଛି। ଏନେଇ ଜନ ସାଧାରଣ ଆତଙ୍କିତ ହୋଇପଡ଼ିଛନ୍ତି। ବିଶେଷ କରି କଟକ ଜିଲା ବଡ଼ମ୍ବା ବ୍ଲକରେ ବହୁ ରୋଗୀ ଜ୍ୱରରେ ଆକ୍ରାନ୍ତ ହେଉଥିବାରୁ

ଡେଙ୍ଗୁ ଆଶଙ୍କାରେ ସ୍ଥାନୀୟ ଲୋକେ ଭୟଭୀତ ହୋଇଯାଇଛନ୍ତି। ଚଳିତମାସ ପ୍ରଥମ ସପ୍ତାହରେ କୁଆଁରପାଳ ପଞ୍ଚାୟତର ଟାଙ୍ଗୀ ଚାନ୍ଦପୁରରେ ସର୍ବାଧିକ ୧୨ ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିଲେ। ସେମାନଙ୍କ ମଧ୍ୟରୁ ଜଣଙ୍କ ମୃତ ଘଟିଛି। ସେହିପରି ମାଣିଆବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୈନିକ ଜ୍ୱର, ହାତଗୋଡ଼ ବିନ୍ଧା, ମୁଣ୍ଡବିନ୍ଧା ରୋଗୀଙ୍କ ସୁଅ ଛୁଟୁଛି। ମାସେ ହେବ କୁଆଁରପାଳ ପଞ୍ଚାୟତରୁ ଦୈନିକ ୪ରୁ୫ ଜଣ ଜ୍ୱର ରୋଗୀ ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ପାଇଁ ଆସୁଛନ୍ତି। ବେସରକାରୀ ସୂତ୍ରରୁ ପ୍ରକାଶ ଯେ କେବଳ କୁଆଁରପାଳ ପଞ୍ଚାୟତରେ ଜ୍ୱରରେ ପୀଡିତ ରୋଗୀ ସଂଖ୍ୟା ୪୦୦ରୁ ଊର୍ଦ୍ଧ୍ୱରେ ପହଞ୍ଚିଛି। ଅପରପକ୍ଷେ ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରରେ ଡେଙ୍ଗୁ ରୋଗୀଙ୍କ ଶଯ୍ୟା ସଂଖ୍ୟା କମ୍‌ଥିବାରୁ କେବଳ ଗୁରୁତରମାନଙ୍କୁ ଆଡ଼ମିଟ୍ କରାଯାଇ ଅନ୍ୟମାନଙ୍କୁ ଔଷଧ ଦେଇ ଘରକୁ ପଠାଇ ଦିଆଯାଉଛି। ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ଡେଙ୍ଗୁ ରୋଗର ରକ୍ତ ନମୁନା ପରୀକ୍ଷା ପାଇଁ ସୁବିଧା ନ ଥିବାରୁ ସେମାନଙ୍କୁ କଟକ ଯାଇ ପରୀକ୍ଷା କରିବା ପାଇଁ ପରାମର୍ଶ ଦିଆଯାଉଛି। ଅପରପକ୍ଷେ ଘରୋଇ ପରୀକ୍ଷାରେ ଡେଙ୍ଗୁ ଚିହ୍ନଟ ହେଉଥିବା ରୋଗୀମାନଙ୍କ ମଧ୍ୟ କଟକ ଯିବାକୁ ପରାମର୍ଶ ଦିଆଯାଉଛି। ମାତ୍ର ସେମାନେ ଏହାକୁ ଗୁରୁତ୍ୱ ଦେଉନାହାନ୍ତି ବୋଲି ଡାକ୍ତର ଉଦୟ ରଞ୍ଜନ ଦାଶ କହିଛନ୍ତି।

ଡେଙ୍ଗୁ ଚିହ୍ନଟ ହେବାର ପ୍ରଥମ ସପ୍ତାହର ୨ ଦିନ ଟାଙ୍ଗୀ ଚାନ୍ଦପୁରରେ ଅସ୍ଥାୟୀ ସ୍ୱାସ୍ଥ୍ୟ ପରାମର୍ଶ ଶିବିର କରାଯାଇ ସଚେତନ କରାଯାଇଥିଲା। ମାତ୍ର ଏହାପରେ ଆଉ ଗୁରୁତ୍ୱ ଦିଆଯାଇ ନ ଥିଲା। ପ୍ରତି ମାସର ୨ ଚାରି ଦିନକୁ ଛାଡିଦେଲେ ଉକ୍ତ ଗ୍ରାମରେ ସ୍ୱାସ୍ଥ୍ୟ ପରିଦର୍ଶକ ଓ ସ୍ୱାସ୍ଥ୍ୟକର୍ମୀ କ୍ଷେତ୍ର ପରିଦର୍ଶନ ନ କରିବା ଗାଁ ପରିମଳ ପ୍ରତି ଦୃଷ୍ଟି ନଦେବା କାରଣରୁ ଡେଙ୍ଗୁ ମଶା ବଂଶ ବୃଦ୍ଧି ପାଉଛି ବୋଲି ସ୍ଥାନୀୟ ସରପଞ୍ଚ ଓ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏନେଇ ମାଣିଆବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡେଙ୍ଗୁ ପରୀକ୍ଷା ସହ ରୋଗୀ ଶଯ୍ୟା ସଂଖ୍ୟା ବୃଦ୍ଧି କରିବାକୁ ସାଧାରଣରେ ଦାବି ହୋଇଛି।

## କୃଷିରଥର ଉଦ୍‌ଘାଟନ କଲେ ୨ ବିଧାୟକ




ବିଧାୟକ ପ୍ରଶାନ୍ତ କୁମାର ବେହେରା, ସୌଭିକ ବିଶ୍ୱାଳ କୃଷି ରଥର ଶୁଭାରମ୍ଭ କରୁଛନ୍ତି।

ମଙ୍ଗୁଳି-ଜଗତପୁର,୨୮।୮ (ମାନସ ସାମଲ)

ଟାଙ୍ଗୀ ଚୌଦ୍ୱାର ବ୍ଲକ ଅଧୀନ ୨୪ଟି ପଞ୍ଚାୟତରେ କୃଷକମାନଙ୍କ ନିକଟରେ କୃଷି ସମ୍ବନ୍ଧୀୟ ସଚେତନ ବାର୍ତ୍ତା ପହଞ୍ଚାଇବା ପାଇଁ ବ୍ଲକ ତରଫରୁ କୃଷିରଥର ଶୁଭ ଉଦ୍‌ଘାଟନ କରାଯାଇଛି। ଆତ୍ମା ଅଧ୍ୟକ୍ଷ ରାଜେଶ ରଞ୍ଜନ ଷଡ଼ଙ୍ଗୀଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଟାଙ୍ଗୀ-ସାଲେପୁର ବିଧାୟକ ପ୍ରଶାନ୍ତ କୁମାର ବେହେରା, ସମ୍ମାନିତ ଅତିଥି ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ ଓ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ପ୍ରତିନିଧି ଶେଖ ସାହାଜାନ ଯୋଗଦେଇ କୃଷିରଥକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ୭ଦିନ ବ୍ୟାପି ଏହି କୃଷି ରଥ ୨୪ଟି ପଞ୍ଚାୟତରେ ପହଞ୍ଚି ନାଚ ଗୀତ ମାଧ୍ୟମରେ କୃଷକମାନଙ୍କୁ ରାଜ୍ୟ ସରକାରଙ୍କ କୃଷି ସମ୍ବନ୍ଧୀୟ ସୂଚନା ଦେଇ ସଚେତନ କରିବ। ଫଳରେ କୃଷକ ଚାଷ କାମରେ ଅଧିକ ଲାଭବାନ ହେବେ ବୋଲି ବିଧାୟକ ପ୍ରଶାନ୍ତ ବେହେରା ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ବିଡିଓ ଆଶୁତୋଷ ମିଶ୍ର, ବ୍ଲକ ଅଧ୍ୟକ୍ଷା ମିନାକ୍ଷୀ ଦାସ, ବ୍ଲକ ସଭାପତି ଧୀରେନ୍ଦ୍ର ଜେଠୀ, ଜିଲା ପରିଷଦ ସଦସ୍ୟ ଚିତ୍ତ ରଞ୍ଜନ ସାମଲ, ବରିଷ୍ଠ ବିଜେଡି ନେତା କୃଷ୍ଣଚନ୍ଦ୍ର ଦାସ, ତାପସ ସାହୁ,ପୂର୍ବତନ ଅଧ୍ୟକ୍ଷା ଜୟଶ୍ରୀ ପ୍ରଧାନ, ଜନ୍ମେଜୟ ଖିଲାର, ତୀର୍ଥାନନ୍ଦ ସୁବୁଦ୍ଧିରାୟ ପ୍ରମୁଖଙ୍କ ସମେତ ସମସ୍ତ ସରପଞ୍ଚ ଓ ସମିତି ସଭ୍ୟ ଉପସ୍ଥିତ ଥିଲେ। ପରେ ଉଭୟ ବିଧାୟକ ଓ ମନ୍ତ୍ରୀଙ୍କ ପ୍ରତିନିଧି ବ୍ଲକ ସଭା ଗୃହରେ ଟାଙ୍ଗୀ-ଚୌଦ୍ୱାର ବ୍ଲକ ପଞ୍ଚାୟତ ସମିତି ବୈଠକରେ ଯୋଗଦେଇଥିଲେ।

# ବିଭିନ୍ନ ପଞ୍ଚାୟତରେ ଦୁର୍ନୀତି ଅଭିଯୋଗ



ବାଙ୍କୀ ବ୍ଲକର କଂଗ୍ରେସ ନେତା ଓ କର୍ମୀମାନେ ବିଡିଓଙ୍କ ସହ ଆଲୋଚନା କରୁଛନ୍ତି।

**ବିଡିଓଙ୍କୁ ଭେଟିଲେ କଂଗ୍ରେସ କର୍ମୀ**

ବାଙ୍କୀ,୨୮।୮(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ବ୍ଲକ ବିଭିନ୍ନ ପଞ୍ଚାୟତରେ ବ୍ୟାପକ ଦୁର୍ନୀତି ହୋଇଛି। ଏପରିକି ଆବାସ ଯୋଜନାରେ ପାତରଅନ୍ତର ନିତି ଅବଲମ୍ବନ କରାଯାଉଛି। ଦଳୀୟ କର୍ମୀଙ୍କୁ ସାମିଲ୍ କରି ପ୍ରତିପକ୍ଷ ଦଳର ସମର୍ଥକଙ୍କ ନାମ କାଟି ଦିଆଯାଉଛି। କେତେକ ପଞ୍ଚାୟତରେ ଜାଣିଶୁଣି ଉନ୍ନୟନମୂଳକ କାର୍ଯ୍ୟରେ ବ୍ଲକ ପ୍ରଶାସନ ପକ୍ଷରୁ ପ୍ରତିବନ୍ଧକ ସୃଷ୍ଟି କରାଯାଉଛି। ଏହାର ସମାଧାନ ନିମନ୍ତେ ପୂର୍ବତନ ବିଧାୟକ ତଥା କଂଗ୍ରେସର ନେତା ଡ. ଦେବାଶିଷ ପଟ୍ଟନାୟକ ଦଳୀୟକର୍ମୀ ଓ ହିତାଧିକାରୀମାନଙ୍କ ସହ ସୋମବାର ବାଙ୍କୀ ବିଡିଓଙ୍କୁ ସାକ୍ଷାତ କରି ଆଲୋଚନା କରିଛନ୍ତି। ନୂଆଗାଁ ପଞ୍ଚାୟତରେ ସ୍ଥାୟୀ ଭାବେ ଜିଆରଏସ୍ ନିଯୁକ୍ତି ହୋଇ ନ ଥିବାରୁ ହିତାଧିକାରୀମାନେ ଜବ୍‌କାର୍ଡ ପାଇପାରୁ ନାହାନ୍ତି ବୋଲି ସେମାନେ ଅଭିଯୋଗ କରିଛନ୍ତି। ରତାଗଡ ପଞ୍ଚାୟତରେ ଆବାସ ଯୋଜନା କାର୍ଯ୍ୟାଦେଶ ପାଇଥିବା ବହୁ ହିତାଧିକାରୀମାନଙ୍କ ଏକାଉଣ୍ଟକୁ ପ୍ରଥମ କିସ୍ତି ଟଙ୍କା ଯାଇପାରୁନାହିଁ। ବରପୁଟ ପଞ୍ଚାୟତରେ ପ୍ରକୃତ ଯୋଗ୍ୟ ବ୍ୟକ୍ତିଙ୍କ ନାମକୁ ଚଞ୍ଚକତା କରି କାଟି ଦିଆଯାଇଥିବାବେଳେ ଅଯୋଗ୍ୟ ହିତାଧିକାରୀଙ୍କ ନାମ ତାଲିକାଭୁକ୍ତ କରାଯାଇଛି। ବନ୍ଦାଳ ପଞ୍ଚାୟତରେ ନିମ୍ନମାନର ରାସ୍ତା କାମ ହୋଇଛି। କଳାପଥର ପଞ୍ଚାୟତର ପଞ୍ଚୁପୋଖରୀକୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଖୋଳା ହୋଇଛି। ମାତ୍ର ଚଳିତ ବର୍ଷ ଏହି ପୋଖରୀ ନିଲାମ ଡକାଯାଇ ବାତିଲ୍ କରାଯାଇଛି। କେତେଜଣ ବ୍ୟକ୍ତି ଜାଲ୍ ନିଲାମ ରସିଦ୍ ଧରି ସେହି ପୋଖରୀରେ ମାଛ ଜାଆଁଳ ଛାଡିଛନ୍ତି। ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ପାଇଁ ଡ. ପଟ୍ଟନାୟକ ଦାବି କରିଛନ୍ତି। ବିଡିଓ କ୍ଷୀତିସ୍ କୁମାର ବେହେରା ଏହାର ତଦନ୍ତ କରି ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଏହି ଅବସରରେ ବାଙ୍କୀ ବ୍ଲକ କଂଗ୍ରେସ ସଭାପତି ନରେଶ କୁମାର ସାହୁ, ବରିଷ୍ଠ କଂଗ୍ରେସ ନେତା ବିଶ୍ୱରଞ୍ଜନ ପଣ୍ଡା, ଭଗବାନ ପ୍ରଧାନ, ରଜତ କୁମାର ରଣା, ସନ୍ତୋଷ କୁମାର ମହାପାତ୍ର, ଜୟନ୍ତ କୁମାର ଦଳସିଂହରାୟ ଓ ଦେବେନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ମୋକିମ ଫାଉଣ୍ଡେଶନ ପକ୍ଷରୁ ବରିଷ୍ଠ ନାଗରିକଙ୍କ ବନ୍ଧୁମିଳନ

କଟକ,୨୮।୮(ସୁପ୍ରିୟା ପ୍ରିୟଦର୍ଶିନୀ)

ମୋକିମ ଫାଉଣ୍ଡେଶନ ପକ୍ଷରୁ ଆଭାସ -୨୦୨୩ ସିଡିଏ-ମର୍କତନଗର ଅଞ୍ଚଳର ରବିବାର ବରିଷ୍ଠ ନାଗରିକମାନଙ୍କୁ ନେଇ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ସିଡିଏସ୍ଥିତ ୱିଣ୍ଡସର ପ୍ୟାଲେସରେ ଅନୁଷ୍ଠିତ ହୋଇଯାଇଛି। ମୋକିମ ଫାଉଣ୍ଡେଶନର ପ୍ରତିଷ୍ଠାତା ବିଧାୟକ ମହମ୍ମଦ ମୋକିମ ଉପସ୍ଥିତ ସମସ୍ତ ବରିଷ୍ଠ ନାଗରିକମାନଙ୍କୁ ଧନ୍ୟବାଦ ଦେବା ସହ ସଂଗୀତ, ନାଚ ପରିବେଷଣ କରିଥିବା ବନ୍ଧୁମାନଙ୍କୁ ପୁରସ୍କୃତ କରିଥିଲେ। ଶେଷରେ ଫାଉଣ୍ଡେଶନର ଟ୍ରଷ୍ଟି ସାମାଜିକ କର୍ମୀ ମହମ୍ମଦ ଅଲିମ ଧନ୍ୟବାଦ ଦେଇଥିଲେ। ବରିଷ୍ଠ ନାଗରିକଙ୍କ ମଧ୍ୟରେ ବରିଷ୍ଠ ଖବରଦାତା ଅରୁଣ କୁମାର ପଣ୍ଡା, ସମାଜର ପୂର୍ବତନ ସମ୍ପାଦକ ସତ୍ୟ ରାୟ, ଲେଖକ କିଶୋର ଶତପଥୀ, କ୍ରିମିନାଲ ବାର୍ ଅଶୋସିଏଶନ ସଭାପତି ଆଇନଜୀବୀ ଧ୍ରୁବ ରାଉତ, ଆଇନଜୀବୀ ଅକ୍ଷୟ ନାୟକ, ଦେବେନ୍ଦ୍ର ସୁତାର ପ୍ରମୁଖ ମୋକିମ ଫାଉଣ୍ଡେଶନର ସମସ୍ତ ଜଣ କଲ୍ୟାଣ କାର୍ଯ୍ୟ ପାଇଁ ସାଧୁବାଦ ଜଣାଇଥିଲେ।

## ଯୁଗ୍ମ ଜନଶୁଣାଣିରେ ୨୫୭ ଅଭିଯୋଗ



ଶିବିରରେ ଉପଜିଲାପାଳ ଓ ଅନ୍ୟ ଅଧିକାରୀମାନେ ଜନ ଅଭିଯୋଗ ଶୁଣାଣି କରୁଛନ୍ତି।

ବଡ଼ମ୍ବା,୨୮।୮(ମାୟାଧର ମଲ୍ଲିକ)

ବଡ଼ମ୍ବା ପଞ୍ଚାୟତ ସମିତି କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷରେ ସୋମବାର କଟକ ଜିଲାପାଳଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। କଟକ ଅତିରିକ୍ତ ଜିଲାପାଳ ଉମାକାନ୍ତ ରାଜ ଏଥିରେ ଅଧ୍ୟକ୍ଷତା କରିଥିଲେ। ଶିବିରରେ କଟକ ଜିଲାପରିଷଦ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁବାସ ଚନ୍ଦ୍ର ରାୟ, ଜିଲା ଗ୍ରାମାଞ୍ଚଳ ଏସ୍‌ପି ମିହିର କୁମାର ପଣ୍ଡା, ଅତିରିକ୍ତ ଏସ୍‌ପି କୃଷ୍ଣ ପ୍ରସାଦ ପଟ୍ଟନାୟକ, ଆଠଗଡ଼ ଉପଜିଲାପାଳ ପ୍ରଶାନ୍ତ କୁମାର ତରାଇ, ଆଠଗଡ଼ ଉପଖଣ୍ଡ ପୋଲିସ ଅଧିକାରୀ ରବୀନ୍ଦ୍ର କୁମାର ମଲ୍ଲିକ, ଉପଖଣ୍ଡ ସ୍ୱାସ୍ଥ୍ୟ ଅଧିକାରୀ ବିଜୟ କୁମାର ମିଶ୍ର, ବିଡିଓ ରମେଶ କୁମାର ଜେନା, ତହସିଲଦାର ନୀଳକଣ୍ଠ ବେହେରା ଓ ବ୍ଲକ ସହକାରୀ ଯନ୍ତ୍ରୀ ସତ୍ୟ ନାରାୟଣ ପଣ୍ଡା ପ୍ରମୁଖ ଯୋଗଦେଇ ଅଭିଯାଗଗୁଡ଼ିକର ଶୁଣାଣି କରିଥିଲେ। ଶିବିରରେ ମୋଟ ୨୫୭ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିରୁ ୨୫୪ ବ୍ୟକ୍ତିଗତ ଅଭିଯୋଗ ଥିବାବେଳେ ୩ ସାମୁହିକ ଅଭିଯୋଗ ଥିଲା। ଏହି ଅବସରରେ ୬୪ ଅଭିଯୋଗର ତତ୍କାଳ ଫଇସଲା ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷ ରଘୁପତି ମହାନ୍ତି, ଜିଲା ପରିଷଦ ସଭ୍ୟ ରବୀନ୍ଦ୍ର କୁମାର ସାହୁ ଓ କଟକ ଏମ୍‌ପିଙ୍କ ପ୍ରତିନିଧି ସଦାନନ୍ଦ ସ୍ୱାଇଁ ପ୍ରମୁଖ ଶିବିରରେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ମନୋଜ କୁମାର ସାହୁ ପରିଚାଳନା କରିଥିଲେ।

# ସେବା ଦ୍ୱାରା ମଣିଷର ବ୍ୟକ୍ତିତ୍ୱ ବଦଳିଥାଏ

**ନିଃସାର୍ଥ ସେବା ସଂଗଠନର ୨ୟ ବାର୍ଷିକୋତ୍ସବ**

ମଙ୍ଗୁଳି-ଜଗତପୁର,୨୮।୮ (ମାନସ ସାମଲ)




ଖବରକାଗଜ ବିତରକ ରୀନାକୁ ସମ୍ମାନିତ କରାଯାଉଛି।

ଚୌଦ୍ୱାରର ସ୍ୱେଚ୍ଛାସେବୀ ଅନୁଷ୍ଠାନ ନିଃସାର୍ଥ ସେବା ସଂଗଠନର ୨ୟ ବାର୍ଷିକ ଉତ୍ସବ ଆଗ୍ରାହାଟସ୍ଥିତ ଶାରଳା ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ସଂଗଠନର ସଭାପତି ଜନ୍ମେଜୟ ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଭାଜପା ନେତା ପ୍ରମୋଦ ସାହୁ ଯୋଗଦେଇ ଯଦି କେବେ କାହାରିକୁ ମାନବ ସେବାର ସୁଯୋଗ ମିଳେ ତାକୁ ହାତଛଡା କରିବା ଠିକ କଥା ନୁହେଁ। ଏହି ସେବା ଦ୍ୱାରା ଜଣେ ମଣିଷର ବ୍ୟକ୍ତିତ୍ୱ ବଦଳିଥାଏ। ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ଆଦିତ୍ୟ ବିଦ୍ୟାଶ୍ରୀ ଦାସ, ସୁକାନ୍ତ ସାହାଣୀ, ଅବସରପ୍ରାପ୍ତ ଅଧ୍ୟାପିକା କାଦମ୍ବିନୀ ମହାପାତ୍ର, ରାଜ୍ୟ କିନ୍ନର ମହାସଂଘ ସଭାପତି ସୁଇଟ ସାହୁ, ଓଲିଉଡ଼ ଅଭିନେତ୍ରୀ ସୋନାଲି ଓଝା ପ୍ରମୁଖ ଯୋଗଦେଇ ସଂଗଠର କାର୍ଯ୍ୟକୁ ପ୍ରଶଂସା କରିଥିଲେ। ଚୌଦ୍ୱାରର ଏକମାତ୍ର ଦିବ୍ୟାଙ୍ଗ ମହିଳା ଖବରକାଗଜ ବିତରକ ରୀନା ଭୂୟାଁ ସମେତ ସାମାଜିକ କର୍ମୀ, ଖବରଦାତାଙ୍କୁ ସମ୍ମାନିତ କରାଯାଇଥିଲା। ସଂଗଠନର ଦେବଦର୍ଷି ପଣ୍ଡା, ବିରେନ୍ଦ୍ର ତରାଇ,ଶୁଭଶ୍ରୀ ପ୍ରିୟଦର୍ଶିନୀ ସାହୁ, ଯାଜ୍ଞସେନି ଦାସ, ସତ୍ୟବ୍ରତ ନାୟକ, ପ୍ରଭୁ ପ୍ରସାଦ ନାୟକ, ମୁରଲୀ, ରାଜେଶ ନାୟକ, ସମୀର ବରାଳ, ଅନ୍ୱେଷା ବରାଳ, ଲିଜା ରାଉତ, ରୋଜି ପ୍ରଧାନ, ସହଦେବ ବରାଳ, ବିଳାସିନୀ ରାଉତ, ଧରିତ୍ରୀ ସାହୁ ମଞ୍ଚ ପରିଚାଳନା କରିଥିବାବେଳେ ଉପସଭାପତି ଶ୍ରାବଣୀ ବରାଳ, ସମ୍ପାଦକ ବିରେନ୍ଦ୍ର ତରାଇ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ସୁଚିତ୍ରା ମହାନ୍ତି ଧନ୍ୟବାଦ ଦେଇଥିଲେ।

## ମୋବାଇଲ ଚୋର ଗିରଫ

ଚୌଦ୍ୱାର,୨୮।୮(ଆଶୁତୋଷ ଦାସ):

ମୋବାଇଲ ଫୋନ ଛଡାଇ ନେବା ଅଭିଯୋଗରେ ଜଣେ ପେସାଦାର ଚୋରକୁ ସୋମବାର ଚୌଦ୍ୱାର ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଜଗତସିଂହପୁର ଥାନା ତ୍ରୀକୁଣ୍ଡା ଗ୍ରାମର ରଞ୍ଜିତ କୁମାର ପତି। ପୋଲିସ ସୂଚନା ଅନୁଯାୟୀ ଚୌଦ୍ୱାର ଅଞ୍ଚଳର ସୁଧାଂଶୁ ଶେଖର ମିଶ୍ର ଗତ ୨୬ତାରିଖ ସନ୍ଧ୍ୟା ସମୟରେ ବଜାରରେ ଚାଲି ଯାଉଥିବା ସମୟରେ ହାତରେ ଧରିଥିବା ମୋବାଇଲ ଫୋନଟିକୁ କେହି ଝାମ୍ପି ନେଇଥିବା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗପାଇ ପୋଲିସ କେସ ନଂ. ୪୨୦/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ କରି ଅଭିଯୁକ୍ତ ରଞ୍ଜିତଙ୍କୁ ଗିରଫ କରିବା ସହିତ ମୋବାଇଲ ଜବତ କରିଥିଲେ। ଅଭିଯୁକ୍ତ ନାମରେ ଜଗତସିଂହପୁର ଥାନାରେ ଏକାଧିକ ମୋବାଇଲ ଚୋରି ମାମଲା ରହିଥିବା ଏସ୍‌ଆଇ ନିରଞ୍ଜନ ଭୋଇ ପ୍ରକାଶ କରିଛନ୍ତି।

## ବିଧାୟକଙ୍କୁ ବ୍ୟାଙ୍କ ଗ୍ରାହକ ସେବା କେନ୍ଦ୍ର ପରିଚାଳକଙ୍କ ଦାବିପତ୍ର

ସାଲେପୁର,୨୮।୮(ଅରବିନ୍ଦ ଭୂୟାଁ)

ସାଲେପୁର ବ୍ଲକ ଷ୍ଟେଟ୍ ବ୍ୟାଙ୍କ ଗ୍ରାହକ ସେବା କେନ୍ଦ୍ର ପରିଚାଳକମାନେ ସାଲେପୁର ବିଧାୟକ ପ୍ରଶାନ୍ତ କୁମାର ବେହେରାଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ଅବସରରେ ସାଲେପୁର ଓ ନିଶ୍ଚିନ୍ତକୋଇଲି ବ୍ଲକର ଥିବା ୭ ଷ୍ଟେଟ୍ ବ୍ୟାଙ୍କ ଶାଖାର ଗ୍ରାହକସେବା କେନ୍ଦ୍ରର ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ପରିଚାଳକ ସେମାନଙ୍କ ସମସ୍ୟା ସମ୍ପର୍କରେ ଦାବିପତ୍ର ପ୍ରଦାନ କରିଥିଲେ। ସିଏସ୍‌ପି ପ୍ଲସ୍ ଯୋଜନାରେ ନୂତନ ବ୍ୟାଙ୍କ ସଂସ୍ଥାକୁ ନିଯୁକ୍ତି ନ ଦେଇ ସେଠାରେ କାର୍ଯ୍ୟରତ ବ୍ୟାଙ୍କ୍ ସିଏସ୍‌ପିଙ୍କୁ ସେଥିରେ ସାମିଲ କରିବାକୁ ଦାବି କରିଛନ୍ତି। ଏହି କାର୍ଯ୍ୟକ୍ରମରେ ପ୍ରମୋଦ କୁମାର ସ୍ୱାଇଁ, ଅନୁପ କୁମାର ମଲ୍ଲ, ବିଶ୍ୱରଞ୍ଜନ ଦାସ, ସ୍ମୃତିରଞ୍ଜନ ପାଣି, ଅରୁନ୍ଧତୀ ଷଡ଼ଙ୍ଗୀ, ପ୍ରଦୀପ୍ତ କୁମାର ନାଥ, ମିତାଞ୍ଜଳି ତ୍ରିପାଠୀ, ଲୋକନାଥ ରାଉତ, ହରପ୍ରସାଦ ଶତପଥୀ, ଶରତ ଚନ୍ଦ୍ର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## 'ଜାତୀୟ ସ୍ତରରେ ସାରସ୍ୱତ ଜାଗରଣ ସୃଷ୍ଟି କରିଛି କଳିଙ୍ଗଭାରତୀ'

**ଭଞ୍ଜମଣ୍ଡପର ୫୩ତମ ପ୍ରତିଷ୍ଠା ଦିବସ**

କଟକ,୨୮।୮(କାର୍ତ୍ତିକ ସାହୁ):

ମିଶନ୍‌ରୋଡ୍‌ସ୍ଥିତ କଳିଙ୍ଗ ଭାରତୀ ପରିସରରେ ଭଞ୍ଜମଣ୍ଡପର ୫୩ତମ ପ୍ରତିଷ୍ଠା ଦିବସ ସୋମବାର ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ 'ସମାଜ'ର ସମ୍ପାଦକ ଡ. ପ୍ରମୋଦ କୁମାର ମହାପାତ୍ର ଯୋଗଦେଇ ଭଞ୍ଜମଣ୍ଡପ ଓ ଭଞ୍ଜ ଜୟନ୍ତୀର ପବିତ୍ର ଐତିହ୍ୟ କଥା ବର୍ଣ୍ଣନା କରି କଳିଙ୍ଗ ଭାରତୀ ଜାତୀୟ ସ୍ତରରେ ସାରସ୍ୱତ ଜାଗରଣ ସୃଷ୍ଟି କରିଛି ବୋଲି କହିଥିଲେ। ମୁଖ୍ୟବକ୍ତା ଇଂ. ଚନ୍ଦ୍ରଶେଖର ନନ୍ଦ ଭଞ୍ଜମଣ୍ଡପ ଗଠନର ଇତିହାସ ସଂଘର୍ଷମୟ ଥିଲା ବୋଲି କହିଥିଲେ। କଳିଙ୍ଗ ଭାରତୀର ସଭାପତି ଡା. ଶୈଳେଶ୍ୱର ନନ୍ଦ ଅଧ୍ୟକ୍ଷତା କରି ୧୯୭୧ ମସିହା ଅଗଷ୍ଟ ୨୮ ତାରିଖରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଶ୍ୱନାଥ ଦାସ ଭଞ୍ଜମଣ୍ଡପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ ବୋଲି କହିଥିଲେ। କାର୍ଯ୍ୟକାରୀ ସଭାପତି ପ୍ରଭାତ କୁମାର ନନ୍ଦ ସ୍ୱାଗତ ଭାଷଣ ଦେଇଥିଲେ। ବରଦା ପ୍ରସନ୍ନ ଦାସ, ରବୀନ୍ଦ୍ର କୁମାର ମହାନ୍ତ, ଡା. ଅଂଶୁମାନ କର, ବ୍ରଜରାଜ ସୁନ୍ଦରରାୟ, କଳିଙ୍ଗଭାରତୀର ଉପଦେଷ୍ଟା ପ୍ରସନ୍ନ କୁମାର ନନ୍ଦ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରାରମ୍ଭରେ କଳାବିକାଶ କେନ୍ଦ୍ରର ଛାତ୍ରୀମାନେ କବି ସମ୍ରାଟଙ୍କ ରଚିତ ଶ୍ରୀଜଗନ୍ନାଥ ଜଣାଣ 'ମାନ ଉଦ୍ଧାରଣ' ଗାନ କରିଥିଲେ। ରାଜଲକ୍ଷ୍ମୀ ମହାନ୍ତି, ରଞ୍ଜିତ କର, ଶକ୍ତିଶଙ୍କର ମହାନ୍ତି, ଡ. ଅନୁପ କୁମାର ମାର୍ଥା, ସାଗରିକା ପ୍ରହରାଜ ଏବଂ ଜ୍ଞାନରଞ୍ଜନ ନନ୍ଦ ପ୍ରମୁଖ ସହଯୋଗ କରିଥିଲେ।

# ଦୁର୍ନୀତି ବିରୋଧରେ ଭାଜପାର ପଞ୍ଚାୟତ ଘେରାଉ

ଖୁଣ୍ଟୁଣୀ,୨୮।୮(ସଚ୍ଚିଦାନନ୍ଦ ପଣ୍ଡା)




ପଞ୍ଚାୟତରେ ହେଉଥିବା ଦୁର୍ନୀତି ବିରୋଧରେ ଭାଜପା ପକ୍ଷରୁ ପଞ୍ଚାୟତ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ରାଜ୍ୟରେ ପଞ୍ଚାୟତଗୁଡ଼ିକରେ ସୀମା ଲଙ୍ଘିଛି ଦୁର୍ନୀତି ଓ ଭ୍ରଷ୍ଟାଚାର। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନକ୍ରମେ ସୋମବାର ଆଠଗଡ ଭାଜପା ତରଫରୁ ୨ନମ୍ବର ଜୋନ ଖୁଣ୍ଟୁଣୀ ଓ କଣ୍ଡରେଇ ପଞ୍ଚାୟତ ଆଗରେ ବିକ୍ଷୋଭ କରାଯାଇଥିଲା। ଖୁଣ୍ଟୁଣୀ ମଣ୍ଡଳ ସଭାପତି ଉମେଶ ଚନ୍ଦ୍ର ସାମଲଙ୍କ ନେତୃତ୍ୱରେ ଉଭୟ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ରାଜ୍ୟ ସରକାରଙ୍କ ଦୁର୍ନୀତି ଏବଂ ଭ୍ରଷ୍ଟାଚାର ବିରୋଧରେ ଅନୁଷ୍ଠିତ ଏହି ଗଣ ଧାରଣାରେ ମୁଖ୍ୟ ଅତିଥି ଭାବେ ଆଠଗଡ଼ ଭାଜପା ନେତା ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବ୍ରଜେନ୍ଦ୍ର ରାୟ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ଉପ ସଭାପତି ବିଚିତ୍ରାନନ୍ଦ ଜେନା, ଜିଲା ସମ୍ପାଦିକା ହେମ ମଞ୍ଜରି ଭଞ୍ଜଦେଓ, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ପ୍ରମୋଦ ରାୟ, ଏସ୍‌ସି ମୋର୍ଚ୍ଚା ସଂଯୋଜକ ସତ୍ୟଜିତ ମଲ୍ଲିକ ପ୍ରମୁଖ ଯୋଗଦେଇ ପଞ୍ଚାୟତକୁ ଭ୍ରଷ୍ଟାଚାର ମୁକ୍ତ କରିବା ପାଇଁ ଶପଥ ନେଇଥିଲେ। ପରେ ମଣ୍ଡଳର ସଭାପତି ଉମେଶ ଚନ୍ଦ୍ର ସାମଲ ଏବଂ ସମ୍ପାଦକ ସୁବାସ ମହାନ୍ତି ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ସମସ୍ତ ମଣ୍ଡଳର ସଭାପତିଙ୍କ ସମେତ ଉପସଭାପତି ଅନ୍ତର୍ଯାମୀ ବେହେରା, ମଣ୍ଡଳ କୃଷକ ମୋର୍ଚ୍ଚା ସଭାପତି ନିରଞ୍ଜନ ନାୟକ, ତପନ ଲେଙ୍କା, ନିର୍ମଳ କୁମାର, ସନ୍ତୋଷ ରାଉତ, ଚିନ୍ମୟ ମଲ୍ଲିକ, ପୂର୍ବତନ ଜିଲା ପରିଷଦ ପ୍ରାର୍ଥୀ ସନ୍ତୋଷ ବେହେରା, ସମୀର ପ୍ରଧାନ, ହିମାଂଶୁ ସାହୁ, ନାରୀନେତ୍ରୀ ଟିକନା ପରିଡ଼ା, ସହଦେବ ପରିଡ଼ା, ମାନସ ଦଳେଇ, ନିର୍ବାଚନ ମଣ୍ଡଳୀ ମିଡ଼ିଆ ସଂଯୋଜକ ପରେଶ ରଞ୍ଜନ ସାହୁ ଉପସ୍ଥିତ ଥିଲେ। ଖୁଣ୍ଟୁଣୀ ପଞ୍ଚାୟତ ଜ୍ଞାନରଞ୍ଜନ ଜେନା ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ବରିଷ୍ଠ ନାଗରିକ ମଞ୍ଚର ବାର୍ଷିକୋତ୍ସବ

ପୁରୁଣା ଭୁବନେଶ୍ୱର,୨୮।୮(ସୁବାସ ଚନ୍ଦ୍ର ପ୍ରଧାନ)

ଭୀମଟାଙ୍ଗିସ୍ଥିତ ବତ୍ରିଶ ସିଂହାସନ ବରିଷ୍ଠ ନାଗରିକ ମଞ୍ଚର ବାର୍ଷିକ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ସଭାପତି ଗଣେଶ କୁମାର ପ୍ରଧାନ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, କର୍ପୋରେଟର ଶିବ ନାରାୟଣ ରାୟ ଓ ହେଲ୍ପ ଏଜ୍ ଇଣ୍ଡିଆର ଓଡ଼ିଶା ମୁଖ୍ୟ ଭାରତୀ ଚକ୍ର ସମ୍ମାନିତ ଅତିଥିଭାବେ ଯୋଗଦେଇ ବରିଷ୍ଠ ନାଗରିକଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମାନସ ରଞ୍ଜନ ପଟ୍ଟନାୟକ, ପଦ୍ମନାଭ ଷଡ଼ଙ୍ଗୀ, ଶଙ୍କର ମହାପାତ୍ର, ଗୋଲକ ନାୟକଙ୍କ ସମେତ ବହୁ ବରିଷ୍ଠ ନାଗରିକ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

### ବୋଲଗଡ଼ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ସମ୍ବର୍ଦ୍ଧନା

ବୋଲଗଡ଼,୨୮।୮(ଦେବବ୍ରତ ହୋତା)

ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀଭାବେ ଯୋଗଦେଇଥିବା ଗୋକୁଳ ଚନ୍ଦ୍ର ବଳବନ୍ତରାୟଙ୍କୁ ସୋମବାର ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ବୋଲଗଡ଼ ବ୍ଲକ ଘରୋଇ ବିଦ୍ୟାଳୟ ସଂଘ ଅପୋସାର ସଭାପତି ଲଲାଟେନ୍ଦୁ କେଶରୀ ସିଂ, ଉପସଭାପତି ମହମ୍ମଦ ଆଜାଦ, ସାଧାରଣ ସମ୍ପାଦକ ନରେନ୍ଦ୍ର ସାହୁ, ଶ୍ରୀବତ୍ସ ଷଡ଼ଙ୍ଗୀ, ବିଶ୍ୱଜିତ ମହାପାତ୍ର, ସହଦେବ ସୁବୁଦ୍ଧିଙ୍କ ସମେତ ଅନ୍ୟମାନେ ଯୋଗଦେଇ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ବୋଲଗଡ଼ ବ୍ଲକର ଶିକ୍ଷାକ୍ଷେତ୍ରରେ ସମସ୍ତ ଘରୋଇ ବିଦ୍ୟାଳୟ ଓ ସରକାରୀ ବିଦ୍ୟାଳୟ ମଧ୍ୟରେ କୌଣସି ପାତରଅନ୍ତର ଦେଖିବି ନାହିଁ ବୋଲି ଗୋଷ୍ଠୀ ଶିକ୍ଷା ଅଧିକାରୀ ବଳବନ୍ତରାୟ କହିଛନ୍ତି। ସରକାରୀ ନିୟମ ଅନୁଯାୟୀ ଆଗାମୀ ଦିନରେ ସମସ୍ତ ଘରୋଇ ବିଦ୍ୟାଳୟକୁ ମାଗଣା ପାଠ୍ୟ ପୁସ୍ତକ ଦିଆଯିବାର ନିଷ୍ପତ୍ତିକୁ ସୂଚାରୁଭାବେ ଯୋଗାଇ ଦିଆଯିବ ବୋଲି କହିଥିଲେ।

### ୩ ଅଗ୍ନିବିପନ୍ନ ପରିବାରଙ୍କୁ ସହାୟତା

କୃଷ୍ଣପ୍ରସାଦ,୨୮।୮(କୈଳାସ ଚନ୍ଦ୍ର ପଟ୍ଟନାୟକ)

ବଡ଼ଅଁଳ ପଞ୍ଚାୟତ ଅଧୀନ ରସକୁଦୀ ଗ୍ରାମର ୩ ଅଗ୍ନି ବିପନ୍ନ ପରିବାରଙ୍କୁ ଭାଜପା ନେତ୍ରୀ ଉପାସନା ମହାପାତ୍ର ଭେଟି ସାନ୍ତ୍ୱନା ଦେବା ସହିତ ସହାୟତା ଯୋଗାଇ ଦେଇଛନ୍ତି। ସରକାରୀ ସ୍ତରରୁ ସହାୟତା ଲାଗି ମଧ୍ୟ ଉପାସନା ତହସିଲଦାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ମଣ୍ଡଳ ଭାଜପା ସଭାପତି ଦୀନବନ୍ଧୁ ଜେନା, ଉତ୍ତମ କୁମାର ତରେଇ, ବଡ଼ଅଁଳ ସରପଞ୍ଚ ବୀଣାପାଣି ପ୍ରଧାନ, ପ୍ରଫୁଲ୍ଲ ପ୍ରଧାନ, ଶରତ ଚନ୍ଦ୍ର ଜେନା, ରମେଶ ଚନ୍ଦ୍ର ସିଂହସାମନ୍ତ, ପ୍ରମୋଦ ବିଶ୍ୱାଳ, ହରମୋହନ ମାନସିଂହ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରକାଶ ଯେ, ୨୦ ତାରିଖରେ ଅଗ୍ନିକାଣ୍ଡ ଘଟି ଦୀପକ ବେହେରା, ବୁଲୁ ବେହେରା ଏବଂ ତ୍ରିନାଥ ବେହେରାଙ୍କ ଗୋଟିଏ ବଖରା ଲେଖାଏ ଘର ଜଳିଯାଇଛି। ଉପାସନା ବିଭିନ୍ନ ରୋଗରେ ଆକ୍ରାନ୍ତ ପରିବାରକୁ ଭେଟି ସାନ୍ତ୍ୱନା ଦେବା ସହ ଆର୍ଥିକ ସହାୟତା ଯୋଗାଇ ଦେଇଥିବା ଜଣାପଡ଼ିଛି।

### ମହାଦେବଙ୍କୁ ଜଳଲାଗି କଲେ କାଉଡ଼ିଆ

ବାଲୁଗାଁ,୨୮।୮(ସଂଗ୍ରାମ ପାଇକରାୟ)

ଶ୍ରାବଣ ମାସର ଶେଷ ସୋମବାର ପାଇଁ ବିଭିନ୍ନ ଶୈବପୀଠ ଚଳଚଞ୍ଚଳ ହୋଇପଡ଼ିଥିଲା। ଏହି ପରିପ୍ରେକ୍ଷୀରେ ଆଲ୍ଲାହାବାଦସ୍ଥିତ ତ୍ରିବେଣୀ ସଙ୍ଗମସ୍ଥଳରୁ ଜଳଭାର ନେଇ ବାଲୁଗାଁ ଅଞ୍ଚଳର ୧୦ଜଣ କାଉଡ଼ିଆ ଉମାମହେଶ୍ୱର ଦେବଙ୍କ ମନ୍ଦିରରେ ପହଞ୍ଚି ଜଳଲାଗି କରିବା ସହ ସ୍ଥାନୀୟ ଅନ୍ୟାନ୍ୟ ଶୈବପୀଠରେ ମଧ୍ୟ ଜଳାଭିଷେକ କରିଥିଲେ। ଦୀର୍ଘ ୧୨ଶହ କିଲୋମିଟର ଅତିକ୍ରମ କରିବା ସହିତ ବାଲୁଗାଁରେ ପହଞ୍ଚିବା ପାଇଁ ୪୨ଦିନ ଲାଗିଥିଲା। ଦୈନିକ ୨୫ରୁ ୩୦ କିଲୋମିଟର କାଉଡ଼ିଆ ଦଳ ରାସ୍ତା ଅତିକ୍ରମ କରୁଥିବା ବେଳେ ଜଙ୍ଗଲ ରାସ୍ତାରେ ବହୁ ବନ୍ୟଜନ୍ତୁଙ୍କ ସମ୍ମୁଖୀନ ହୋଇଥିଲେ। କିନ୍ତୁ ଠାକୁରଙ୍କ ଆଶୀର୍ବାଦରୁ କୌଣସି ଅସୁବିଧା ହୋଇ ନାହିଁ ବୋଲି ସୂଚନା ଦେଇଛନ୍ତି। ବିଶେଷକରି ଉତ୍ତରପ୍ରଦେଶ ଓ ଛତିଶଗଡ଼ ଅଞ୍ଚଳବାସୀ କାଉଡ଼ିଆ ଦଳକୁ ଉତ୍ସାହିତ କରିବା ସହ ସେବା ଯୋଗାଇଥିଲେ। ରବିବାର ସନ୍ଧ୍ୟାରେ ଏହି କାଉଡ଼ିଆ ଦାଳ ବାଲୁଗାଁରେ ପହଞ୍ଚିବା ପରେ ଅଞ୍ଚଳବାସୀ ଏକ ଶୋଭାଯାତ୍ରାରେ ସେମାନଙ୍କୁ ପାଛୋଟି ନେଇଥିଲେ। ସୋମବାର ପ୍ରତ୍ୟୁଷରୁ କାଉଡ଼ିଆମାନେ ଜଳଲାଗି କରି ଠାକୁରଙ୍କ ଆଶୀର୍ବାଦ କାମନା କରିଥିଲେ।

# ଅସ୍ତିତ୍ୱ ଖୋଜୁଛି କର୍ଣ୍ଣାମେଶ୍ୱର ମନ୍ଦିର

## ଲକ୍ଷ୍ମୀ ମାର୍କେଟ କମ୍ପ୍ଲେକ୍ସ ପଛପଟେ ଅବହେଳିତ ଅବସ୍ଥାରେ ରହିଛି

ପୁରୀ, ୨୮।୮(ଅଜିତ ମହାନ୍ତି)



ବଡ଼ଦାଣ୍ଡସ୍ଥିତ ଲକ୍ଷ୍ମୀ ମାର୍କେଟ କମ୍ପ୍ଲେକ୍ସ ପଛପଟେ ପ୍ରାଚୀନ କର୍ଣ୍ଣାମେଶ୍ୱର ମନ୍ଦିର ରହିଛି। ଗତ ମାର୍ଚ୍ଚ ମାସରେ ଉକ୍ତ ମାର୍କେଟ କମ୍ପ୍ଲେକ୍ସରେ ଅଗ୍ନିକାଣ୍ଡ ଘଟଣା ବେଳେ ଏହି କାରୁକାର୍ଯ୍ୟପୂର୍ଣ୍ଣ ଶୈବ ମନ୍ଦିର ଲୋକଲୋଚନକୁ ଆସିଥିଲା। ତେବେ ମନ୍ଦିରଟି ଅବହେଳିତ ଅବସ୍ଥାରେ ଓ ଠାକୁର ଅପୂଜା ଥିବା ଜଣାପଡ଼ିଥିଲା। ଏପର୍ଯ୍ୟନ୍ତ ପ୍ରଶାସନ ପକ୍ଷରୁ ଏହି ମନ୍ଦିର ପୁନରୁଦ୍ଧାର ଲାଗି ପଦକ୍ଷେପ ନିଆଯାଇ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି।

ଏ ସମ୍ପର୍କରେ ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ର କହିଛନ୍ତି, ଏହି ମନ୍ଦିର ଅତୀତରେ କର୍ଣ୍ଣାମେଶ୍ୱର ମନ୍ଦିର ଭାବେ ପରିଚିତ ଥିଲା। ରାଜା ଚୋଡ଼ଗଙ୍ଗ ଦେବଙ୍କ ରାଜତ୍ୱ ସମୟରେ ଅର୍ଥାତ ୧୧ଶହରୁ ୧୨ଶହ ମସିହା ମଧ୍ୟରେ ମନ୍ଦିରଟି ନିର୍ମାଣ ହୋଇଥିବା ଜଣାପଡ଼େ। ଯୋଗୀ କର୍ଣ୍ଣାମଗିରି ଉକ୍ତ ମନ୍ଦିର ନିର୍ମାଣ କରିଥିଲେ। ଐତିହାସିକ ମତବାଦ ଅନୁଯାୟୀ, ଯେଉଁ ସମୟରେ କର୍ଣ୍ଣାମଗିରି ପୁରୀ ଆସି ମହାପ୍ରଭୁଙ୍କୁ ଦର୍ଶନ କରିବା ପାଇଁ ଶ୍ରୀମନ୍ଦିରକୁ ଯାଇଥିଲେ, ସେହି ସମୟରେ ଅଣସର ଚାଲିଥିବାରୁ ଦର୍ଶନ ମିଳିପାରିବ ନାହିଁ ବୋଲି ସେବାୟତମାନେ କହିଥିଲେ। ସେ ଫେରିଆସି ଗଜପତିଙ୍କୁ ଭେଟିଥିଲେ। ତେବେ ରାଜପ୍ରତିନିଧି ତାଙ୍କୁ ବୁଝାଇଥିଲେ କି, ଏହି ସମୟରେ ମହାପ୍ରଭୁ ଅସୁସ୍ଥ ଥିବାରୁ ଗଜପତି ମଧ୍ୟ ମହାପ୍ରଭୁଙ୍କ ଦର୍ଶନରୁ ବଞ୍ଚିତ ହୋଇଥାନ୍ତି। ତେଣୁ ଅଣସର ପରେ ମହାପ୍ରଭୁଙ୍କୁ ଦର୍ଶନ କରିପାରିବେ। ମାତ୍ର ତାଙ୍କ ମନରେ ଅହଙ୍କାର ଥିଲା ଯେ, ହିମାଳୟରେ ସେ ସାଧନା କରିଆସିଥିବାରୁ ତାଙ୍କୁ ମହାପ୍ରଭୁଙ୍କ ଦର୍ଶନରୁ କେହି ଅଟକାଇ ପାରିବେ ନାହିଁ। ତେଣୁ ଯୋଗ ବା ସିଦ୍ଧି ବଳରେ ସେ ତାଙ୍କ ଶରୀରକୁ ଏକ ଭ୍ରମର ଆକୃତିର କରି ଶ୍ରୀମନ୍ଦିର ଅଣସର ପିଣ୍ଡିରେ ପଶିବାକୁ ଚେଷ୍ଟା କରିଥିଲେ। ସେ ସେଠାରେ ଦେଖିବାକୁ ପାଇଥିଲେ ୮ଜଣ ସଖୀ ମହାପ୍ରଭୁଙ୍କ ସେବା କରୁଛନ୍ତି, ଯାହାକୁ ସେ ଯୋଗରେ ଶକ୍ତି ବା ଦେବୀ ବୋଲି ବିବେଚନା କରିଥିଲେ। ୮ସଖୀ ହାତରେ ଧରିଥିବା ପଦ୍ମ ଉପରେ ସେ (ଭ୍ରମର) ବସି ମହାପ୍ରଭୁଙ୍କୁ ଦର୍ଶନ କରିବା ପାଇଁ ଚେଷ୍ଟା କରିଥିଲେ। ମାତ୍ର ପଦ୍ମପାଖୁଡ଼ା ବନ୍ଦ ହୋଇ ଯାଇଥିଲା। ଫଳରେ ଯୋଗୀ ଅଣନିଃଶ୍ୱାସୀ ହୋଇ ଜୀବନ ରକ୍ଷା ପାଇଁ ମହାପ୍ରଭୁଙ୍କୁ ଡାକିବା ସହ ତାଙ୍କର ଅହଙ୍କାର ଚୂର୍ଣ୍ଣ ହୋଇଥିବା କହିଥିଲେ। ମହାପ୍ରଭୁଙ୍କ ଆଶୀର୍ବାଦରୁ ଯୋଗୀ ଉଦ୍ଧାର ପାଇ ଗଜପତିଙ୍କୁ ଭେଟି ସମସ୍ତ କଥା ଜଣାଇଥିଲେ। ସେ ବ୍ରହ୍ମଙ୍କ ସନ୍ଧାନ ପାଇଥିବାରୁ ପୁରୀ ଛାଡ଼ି ଅନ୍ୟତ୍ର ଯିବେନାହିଁ ବୋଲି କହିବାରୁ ତାଙ୍କୁ ମରୀଚିକୋଟ ନିକଟରେ ଗଜପତି ଜାଗା ଦେବା ପରେ ସେ ଏକ ମଠ ନିର୍ମାଣ କରିଥିଲେ। ତାହାର ନାମ ଥିଲା କର୍ଣ୍ଣାମଗିରି ମଠ। ତାଙ୍କର ଉପାସ୍ୟ ଥିଲେ ମହାଦେବ। ତେଣୁ ସେହି ସ୍ଥାନରେ ସେ ଶିବ ମନ୍ଦିର ପ୍ରତିଷ୍ଠା କରିଥିଲେ। ତାହା କର୍ଣ୍ଣାମେଶ୍ୱର ମହାଦେବ ମନ୍ଦିର ଭାବେ ପରିଚିତ ହୋଇଥିଲା। ସେଠାରେ ଜ୍ୟୋର୍ତିଲିଙ୍ଗ ଆକାରର ଲିଙ୍ଗ ଥିବାବେଳେ ପୂଜାପଦ୍ଧତି ଭିନ୍ନ ଥିଲା। ଉକ୍ତ ମଠଟି ଶ୍ରୀମନ୍ଦିର ଉପାସନା ସହ ଜଡ଼ିତ ଥିଲା। ତେବେ କାଳକ୍ରମେ ଉପାସନା ତଥା ପୂଜାର୍ଚ୍ଚନା ବନ୍ଦ ହୋଇଗଲା। ୨୫ବର୍ଷ ପୂର୍ବେ ମଠ ଓ ମନ୍ଦିର ଜାଗାକୁ କେତେଜଣ ପ୍ରଭାବଶାଳୀ ବ୍ୟକ୍ତି ଚକ୍ରାନ୍ତ କରି ସେମାନଙ୍କ ନାମରେ କରାଇନେଇଥିଲେ, ଯାହାକୁ ନେଇ ବିବାଦ ଦେଖାଯାଇଥିଲା ବୋଲି ମିଶ୍ର କହିଛନ୍ତି। କର୍ଣ୍ଣାମେଶ୍ୱର ମନ୍ଦିର ପରିତ୍ୟକ୍ତ ତଥା ଅବହେଳିତ ଅବସ୍ଥାରେ ରହିଛି। ପ୍ରଶାସନ ପକ୍ଷରୁ ଏହାର ପୁନରୁଦ୍ଧାର କରାଯିବାକୁ ଦାବି ହେଉଛି। ଏନେଇ ସଦର ତହସିଲଦାର କ୍ଷୀରୋଦ ବେହେରା କହିଛନ୍ତି, ଏହି ମାମଲା କୋର୍ଟରେ ବିଚାରାଧୀନ ରହିଛି। କୋର୍ଟଙ୍କ ରାୟ ଆସିବା ପରେ ଯାହା କିଛି ପଦକ୍ଷେପ ନିଆଯାଇପାରିବ।




ଚାରାରୋପଣ କାର୍ଯ୍ୟକ୍ରମ ଅବସରରେ ସୋମବାର ପ୍ରେରଣା ଇଣ୍ଟରନ୍ୟାଶନାଲ ଗ୍ରୀନ୍ ଆର୍ମି ଓ ବାବା ବାଲୁଙ୍କେଶ୍ୱର କ୍ଲବ ଆନୁକୂଲ୍ୟରେ ବାହାରିଥିବା ଶୋଭାଯାତ୍ରା।

### ଚାରାରୋପଣ କାର୍ଯ୍ୟକ୍ରମ

ଖୋର୍ଦ୍ଧା,୨୮।୮(ପ୍ରଭାତ ପାଣିଗ୍ରାହୀ)

ପ୍ରେରଣା ଇଣ୍ଟରନ୍ୟାଶନାଲ ଗ୍ରୀନ୍ ଆର୍ମି ଓ ବାବା ବାଲୁଙ୍କେଶ୍ୱର କ୍ଲବ ଆନୁକୂଲ୍ୟରେ ଖୋର୍ଦ୍ଧା ବ୍ଲକ ଗୋଡ଼ିପଡ଼ା ଗ୍ରାମରେ ସବୁଜ ସୁନ୍ଦର ସ୍ୱଚ୍ଛ ଗୋଡ଼ିପଡ଼ା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ 'ପ୍ରେରଣା ଗ୍ରୀନ୍ ଆର୍ମି' ବିଭିନ୍ନ କିସମର ଚାରା ବଣ୍ଟନ କରାଯାଇଥିଲା। ସ୍ଥାନୀୟ ମହାଦେବ ମନ୍ଦିର ପରିସର ଓ ଗ୍ରାମ ରାସ୍ତାର ଦୁଇ ପାର୍ଶ୍ୱରେ ଚାରାରୋପଣ କରାଯାଇଥିଲା। ସେହିପରି କ୍ଲବର ସଦସ୍ୟମାନେ ଗ୍ରାମ୍ୟ ପୁଷ୍କରିଣୀ ଓ ଗାଁ ଦାଣ୍ଡକୁ ପରିଷ୍କାର ଓ ପରିଚ୍ଛନ୍ନ କରିବା ସହିତ ସ୍ୱଚ୍ଛ କରିଥିଲେ। ସ୍ଥାନୀୟ ମହାଦେବ ମନ୍ଦିରରେ ଆୟୋଜିତ ସଭାରେ ପୂର୍ବତନ ବିଧାୟକ ଡ. ଦିଲ୍ଲୀପ ଶ୍ରୀଚନ୍ଦନ ଯୋଗଦେଇ କହିଥିଲେ, ନିଜ ଗାଁକୁ ସବୁଜ ସୁନ୍ଦର ଓ ସ୍ୱଚ୍ଛ ରଖିବା ଦାୟିତ୍ୱ ଯୁବପିଢ଼ିଙ୍କ। ଏହି ସଭାରେ ରାଜ୍ୟ ପାଇକ ଆଖଡ଼ା ମହାସଂଘର ସଭାପତି ଡ. ପ୍ରକାଶ ଶ୍ରୀଚନ୍ଦନ, ବାବା ବାଲୁଙ୍କେଶ୍ୱର କ୍ଲବ ସଭାପତି ପାଣ୍ଡବ ପ୍ରଧାନ, ସମ୍ପାଦକ ସଞ୍ଜୟ ପ୍ରଧାନ, ସଞ୍ଜୀବ ପାହାଡ଼ସିଂହ, ନରୋତ୍ତମ ମଙ୍ଗରାଜ, ନବୀନ ନାରାୟଣ ସାମନ୍ତରାୟ, ଗୌତମ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଏକ ଶୋଭାଯାତ୍ରା ସ୍ଥାନୀୟ ଗ୍ରାମ ପରିକ୍ରମା କରିଥିଲା।

### ପୂର୍ବତନ ସରପଞ୍ଚଙ୍କୁ ଆକ୍ରମଣ ଘଟଣା, ଯୁବକ ଗିରଫ

କଣାସ,୨୮।୮(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକ ଅଧୀନ ଦେଇପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ମାଧବଚନ୍ଦ୍ର ବଳବନ୍ତରାୟଙ୍କୁ ଆକ୍ରମଣ କରିଥିବା ଜଣେ ଅଭିଯୁକ୍ତଙ୍କୁ ପୋଲିସ ସୋମବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଟାଙ୍ଗି ଥାନା ଅଧୀନ ଉଜୁଡା ଗ୍ରାମର ସୁମନ୍ତ ସାହୁ (କାଳିଆ)। ତେବେ ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ପ୍ରୟାସ ଚଳାଇଥିବା ଆଇଆଇସି ସଞ୍ଜୟ ନାୟକ କହିଛନ୍ତି। ସୂଚନା ମୁତାବକ, ମାଧବଚନ୍ଦ୍ର ଗଡଖାରଦଠାରୁ ତେଲେଙ୍ଗାପଡ଼ାକୁ ସ୍କୁଟି ଯୋଗେ ଯାଉଥିଲେ। ମଝି ରାସ୍ତା ପାହାଡ ତଳେ ୪/୫ଜଣ ଯୁବକ ମୁହଁରେ କଳାପଟି ବାନ୍ଧି ଆକ୍ରମଣ କରିଥିଲେ।

## ଜନଶୁଣାଣି ଶିବିରରେ ୧୪୨ ଅଭିଯୋଗ



ଜନଶୁଣାଣି ଶିବିରରେ ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ ଏବଂ ଅନ୍ୟମାନେ।

ଟାଙ୍ଗୀ,୨୮।୮(ରଘୁନାଥ ସାହୁ)

ଟାଙ୍ଗୀ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ସୋମବାର ଜିଲାପାଳଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ ଯୋଗଦେଇ ବିଭିନ୍ନ ଅଭିଯୋଗର ଶୁଣାଣି କରିଥିଲେ। ଶିବିରରେ ମୋଟ୍ ୧୪୨ଟି ଅଭିଯୋଗ ହୋଇଥିଲା। ସେଥିମଧ୍ୟରୁ ୧୩୯ ବ୍ୟକ୍ତିଗତ, ୩ଟି ଗୋଷ୍ଠୀଗତ ଅଭିଯୋଗ ରହିଥିଲା। ତନ୍ମଧ୍ୟରୁ ଦୁଇଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ଜଣଙ୍କୁ ରେଡକ୍ରସ ପାଣ୍ଠିରୁ ୫ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଛି। ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନାରୁ ବଞ୍ଚିତ ହିତାଧିକାରୀ ଅଭିଯୋଗ କରିଥିବା ଜଣାପଡ଼ିଛି। ପଞ୍ଚାୟତ ସ୍ତରରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ଦେଖାଯାଉଥିବା ବିଭିନ୍ନ ଅସୁବିଧା ସମ୍ପର୍କରେ ମଧ୍ୟ ଅଭିଯୋଗ ହୋଇଥିଲା। ଏହି ଅଭିଯୋଗ ଶୁଣାଣି ଶିବିରରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁରେନ୍ଦ୍ର ନାଥ ମୁର୍ମୁ, ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା, ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା.ଆର୍ତ୍ତବନ୍ଧୁ ନାୟକ, ବିଡିଓ ଐଶ୍ୱର୍ଯ୍ୟା ସାମନ୍ତରାୟ, ଜିଲା ଶିକ୍ଷା ଅଧିକାରୀଙ୍କ ସମେତ ବ୍ଲକର ସମସ୍ତ ସମ୍ପ୍ରସାରଣ ଅଧିକାରୀ ଉପସ୍ଥିତ ଥିଲେ।

## ଅଭିଯୁକ୍ତଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ

ନିମାପଡ଼ା,୨୮।୮(ବିଚିତ୍ରାନନ୍ଦ ସାହୁ)

ବଳଙ୍ଗା ଥାନା ଅଞ୍ଚଳର ଏକ ବଳାତ୍କାର ମାମଲାର ବିଚାର କରି ନିମାପଡ଼ା ଅତିରିକ୍ତ ଜିଲା ଦୌରାଜଜ୍ ଲୋକନାଥ ସାହୁ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ୧୦ ବର୍ଷ ସଶ୍ରମ କାରାଦଣ୍ଡ ଶୁଣାଇଛନ୍ତି। ଏଥିସହ ୫ ହଜାର ଟଙ୍କା ଜରିମାନା, ଜରିମାନା ଅନାଦାୟ ଅଧିକ ୬ ମାସ ସଶ୍ରମ କାରାଦଣ୍ଡ ପ୍ରଦାନ କରିଛନ୍ତି। ସେହିପରି ଦଫା ନଂ. ୪୫୮ରେ ଦୋଷୀ ସାବ୍ୟସ୍ତ କରି ୫ ବର୍ଷ ସଶ୍ରମ କାରାଦଣ୍ଡ ଓ ୧ ହଜାର ଟଙ୍କା ଜରିମାନା, ଦଫା ନଂ. ୩୨୩ରେ ୧ ବର୍ଷ ସଶ୍ରମ କାରା ଦଣ୍ଡାଦେଶ ପ୍ରଦାନ କରିଛନ୍ତି। ସେ ହେଲେ ତ୍ରିଲୋଚନ ଶତପଥୀ(୪୩)। ଏ ସମ୍ପର୍କରେ ବଳଙ୍ଗା ଥାନା କେସ ନଂ. ୫୮/୨୨, ଏସ୍‌ଟି କେସ୍ ନଂ. ୧୦୧/୨୨, ଜିଆର୍ କେସ୍ ନଂ. ୨୨୭/୨୨ରେ ମାମଲା ରୁଜୁ ହୋଇ କୋର୍ଟରେ ମାମଲା ଚାଲିଥିଲା। ଖବର ନେବାରେ ଜଣାପଡିଛି, ବଳଙ୍ଗା ଥାନା ଅନ୍ତର୍ଗତ କଣ୍ଟୁଣିଆ ଗ୍ରାମର ଜଣେ ମହିଳା ତାଙ୍କ ସ୍ୱାମୀଙ୍କ ଅନୁପସ୍ଥିତିରେ ଘରେ ଏକ ଛୋଟ ପୁଅ ସହ ଥିଲେ। ମହିଳା ରାତିରେ ଶୋଇଥିବାବେଳେ ଗ୍ରାମର ତ୍ରିଲୋଚନ ଘରେ ପଶି ତାଙ୍କୁ ବଳାତ୍କାର କରିଥିଲେ। ଏ ସମ୍ପର୍କରେ ମହିଳାଙ୍କ ସ୍ୱାମୀ ଗତବର୍ଷ ଏପ୍ରିଲ ୧୮ ତାରିଖରେ ବଳଙ୍ଗା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏ ସମ୍ପର୍କରେ ବଳାତ୍କାରୀ ଯୁବକଙ୍କ ବିରୋଧରେ ୫୮/୨୨ରେ ଏକ ମାମଲା ରୁଜୁ କରି ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏଭଳି ଘଟଣାର ବିଚାର କରି ଅତିରିକ୍ତ ଜିଲା ଦୌରାଜଜ ସାହୁ ବିଭିନ୍ନ ଦଫାରେ ବଳାତ୍କାରୀ ଯୁବକଙ୍କୁ ଦୋଷୀ ସାବ୍ୟସ୍ତ କରି ଦଣ୍ଡାଦେଶ ଶୁଣାଇଛନ୍ତି।

## ଭାଜପାରେ ମିଶିଲେ ବିଜେଡି, କଂଗ୍ରେସ କର୍ମୀ



ବୋଲଗଡ଼,୨୮।୮(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ଅନ୍ତର୍ଗତ ଦଳେଇସାହି ପଞ୍ଚାୟତର ବହୁ ବିଜେଡି ଓ କଂଗ୍ରେସ କର୍ମୀ ସୋମବାର ଏମ୍‌ପିଙ୍କ କାର୍ଯ୍ୟାଳୟଠାରେ ଭାଜପାରେ ଆନୁଷ୍ଠାନିକଭାବେ ସାମିଲ ହୋଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସ୍ୱଚ୍ଛ ଶାସନ ଓ ଦେଶର କଲ୍ୟାଣମୂଳକ ବିକାଶ ଧାରାରେ ଅନୁପ୍ରାଣିତ ହୋଇ ଦଳେଇସାହି ପଞ୍ଚାୟତର ଅଶୋକ କୁମାର ସୁନ୍ଦରାୟ, ଭାଗୀରଥି ପୃଷ୍ଟି, କୈଳାସ ସୁନ୍ଦରାୟ, ନରୋତ୍ତମ ବରାଡ଼, ପ୍ରତାପ ମାର୍ଥା, ପ୍ରମୋଦ କୁମାର ରାଉତରାୟ, ଆଲୋକ ବେହେରା, ପ୍ରକାଶ କୁମାର ପରିଡା, ପ୍ରମୋଦ କୁମାର ମହାପାତ୍ର, ରତ୍ନାକର ସାହୁ ପ୍ରମୁଖ ଯୋଗଦେଇଛନ୍ତି। ବୋଲଗଡ଼ ଭାଜପା ମଣ୍ଡଳ ସଭାପତି ରଘୁନାଥ ଷଡ଼ଙ୍ଗୀ ଓ ଭାଜପା ଖୋର୍ଦ୍ଧା ଜିଲା ଓବିସି ମୋର୍ଚ୍ଚା ସମ୍ପାଦକ ଆର୍ତ୍ତବନ୍ଧୁ ପ୍ରଧାନଙ୍କ ନେତୃତ୍ୱରେ ୩୦ରୁ ଊର୍ଦ୍ଧ୍ୱ କର୍ମୀ ଭାଜପାରେ ଯୋଗଦେଇଛନ୍ତି। ଏହି ମିଶ୍ରଣ ପର୍ବରେ ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ନୂତନ କର୍ମୀଙ୍କୁ ଭାଜପା ଟୋପି, ଉତ୍ତରୀୟ ପ୍ରଦାନ କରି ସ୍ୱାଗତ କରିବା ସହିତ ଅଭିନନ୍ଦନ ଜଣାଇଥିଲେ। ଏହି ମିଶ୍ରଣ ପର୍ବରେ ବହୁ ଭାଜପା କର୍ମୀ ଓ ନେତାମାନେ ଉପସ୍ଥିତ ଥିଲେ। ପ୍ରକାଶ ବିଜୁଳି ଧନ୍ୟବାଦ ଦେଇଥିଲେ।

## ବଦ୍ରିନାଥରୁ ଚାଲି ଚାଲି ଶ୍ରୀକ୍ଷେତ୍ରରେ ପହଞ୍ଚିଲେ ରିତିକ୍

### ସନାତନ ଧର୍ମର ପ୍ରଚାର ପାଇଁ ୪ ଧାମ, ୧୨ ଜ୍ୟୋତିର୍ଲିଙ୍ଗ ବୁଲିବେ

ପୁରୀ,୨୮।୮(ଅଜିତ୍ ମହାନ୍ତି)



ପେସାରେ ଜଣେ ଇଲେକ୍ଟ୍ରିସିଆନ୍ ହେଲେ ମଧ୍ୟ ନିଶା ତାଙ୍କର ଚାରିଧାମ ଯାତ୍ରା କରି ସନାତନ ଧର୍ମର ପ୍ରଚାର ପ୍ରସାର କରିବା। ସେଥିପାଇଁ ସେ ଚାରିଧାମ ଯାତ୍ରାରେ ବାହାରିଛନ୍ତି। ସେ ଚାଲି ଚାଲି ସୋମବାର ଶ୍ରୀକ୍ଷେତ୍ରରେ ପହଞ୍ଚିଛନ୍ତି। ସେ ହେଲେ ପଞ୍ଜାବ ଭଟିଣ୍ଡାର ୨୫ ବର୍ଷୀୟ ରିତିକ୍ ସାକ୍ସେନା। ସେ ଗତ ୨୦୨୨ ଡିସେମ୍ବର ୧ରୁ ଚାରିଧାମ ସହ ୧୨ ଜ୍ୟୋତିର୍ଲିଙ୍ଗ ଯାତ୍ରା ଆରମ୍ଭ କରିଛନ୍ତି। ରିତିକ୍ ଚାଲି ଚାଲି ଚାରିଧାମ ଯାତ୍ରା କରୁଛନ୍ତି। ସେ ପ୍ରଥମେ ବଦ୍ରିନାଥ ଯାତ୍ରା କରିଥିଲେ। ବଦ୍ରିନାଥ ଦର୍ଶନ କରିବା ପରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ଉଦ୍ଦେଶ୍ୟରେ ସେଠାରୁ ଚାଲି ଚାଲି ସୋମବାର ପୁରୀରେ ପହଞ୍ଚିଛନ୍ତି। ସେ ଶ୍ରୀମନ୍ଦିର ଯାଇ ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରି କୃତାର୍ଥ ଲାଭ କରିଛନ୍ତି। ଏହି ଅବସରରେ କେତୋଟି ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ରିତିକ୍‌ଙ୍କୁ ଚତୁର୍ଦ୍ଧାବିଗ୍ରହଙ୍କ ଫଟୋଚିତ୍ର ଦିଆଯାଇ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହାପରେ ସେ ମଲିକାର୍ଜୁନ ଓ ରାମେଶ୍ୱରମ୍ ଯାତ୍ରାରେ ବାହାରିଛନ୍ତି। ସେ ୪ ଜ୍ୟୋତିର୍ଲିଙ୍ଗ ଓ ୨ଟି ଧାମ ଦର୍ଶନ କରିସାରିଛନ୍ତି। ସନାତନ ଧର୍ମର ପ୍ରଚାର ପ୍ରସାର ପାଇଁ ସେ ଚାରିଧାମ ଏବଂ ୧୨ ଜ୍ୟୋତିର୍ଲିଙ୍ଗ ଦର୍ଶନ କରୁଥିବା ରିତିକ୍ କହିଛନ୍ତି।

## ନିଶା ସେବନ ପାଇଁ ମନ୍ଦିର ହୁଣ୍ଡିରୁ ଚୋରି, ୨ ଗିରଫ

ଭୁବନେଶ୍ୱର,୨୮।୮(ସତ୍ୟଜିତ୍ ରାଉତ)

ନିଶା ସେବନ ପାଇଁ ମନ୍ଦିର ହୁଣ୍ଡିରୁ ଚୋରି କରି ୨ଜଣ ଗିରଫ ହୋଇଛନ୍ତି। ଅଭିଯୁକ୍ତଦ୍ୱୟ ହେଲେ ଏୟାରଫିଲ୍ଡ ଥାନା ଅନ୍ତର୍ଗତ ସୁନ୍ଦରପଦା ଭୋଇସାହିର ଅଜୟ ଭୋଇ ଓରଫ ନନ୍ଦି (୨୫) ଓ ଲିଙ୍ଗରାଜ ଥାନା ଅନ୍ତର୍ଗତ ନୂଆଗାଁ ଅଞ୍ଚଳର ମିଥୁନ ସାହୁ ଓରଫ ମିଟୁ (୩୫)। ସେମାନଙ୍କ ପାଖରୁ ଚୋରି ଟଙ୍କାରୁ ୧୫୦୦ ଟଙ୍କା ଜବତ ହୋଇଥିବାବେଳେ ବାକି ଟଙ୍କାରେ ସେମାନେ ନିଶାସେବନ କରିଦେଇଥିବା ପୋଲିସକୁ କହିଛନ୍ତି। ପଚରାଉଚରା ପରେ ପୋଲିସ ସେମାନଙ୍କୁ କୋର୍ଟଚାଲାଣ କରିଛି। ଅଭିଯୁକ୍ତଦ୍ୱୟ ରବିବାର ରାତିରେ ଏୟାରଫିଲ୍ଡ ଥାନା ଅନ୍ତର୍ଗତ ବାଲୁଙ୍କେଶ୍ୱର ମନ୍ଦିର ହୁଣ୍ଡିରୁ ୫ ହଜାର ଟଙ୍କା ଚୋରିକରି ନେଇଥିଲେ। ସ୍ଥାନୀୟ ଲୋକେ ମିଥୁନଙ୍କୁ କାବୁ କରି ଥାନାରେ ଜିମା ଦେଇଥିଲେ। ପରେ ଅଜୟଙ୍କୁ ପୋଲିସ କାବୁ କରିଥିଲା। ଏନେଇ ପୋଲିସ ଏକ ମାମଲା (ନଂ.୨୧୩/୨୦୨୩) ରୁଜୁ କରି ତଦନ୍ତ ଚଳାଇଥିଲା।



ବାଲୁଗାଁ: ଉମାମହେଶ୍ୱର ଦେବଙ୍କ ମନ୍ଦିରରେ ଜଳଲାଗି ପାଇଁ ଅପେକ୍ଷାରତ କାଉଡ଼ିଆମାନେ।



ବୋଲଗଡ: ତାରେଶ୍ୱର ଦେବଙ୍କ ପୀଠରେ କାଉଡ଼ିଆମାନେ ଜଳଲାଗି ପାଇଁ ଧାଡ଼ିରେ ଛିଡ଼ା ହୋଇଛନ୍ତି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୮।୮।୨୦୨୩

| | |
|---|---|
| ୪,୬୫,୯୮୨ ଟଙ୍କା | |
| ସୁନା | ୧.୪୨୦ ଗ୍ରାମ୍ |
| ରୁପା | ୭.୧୦୦ ଗ୍ରାମ୍ |

# ଅସ୍ତିତ୍ୱ ଖୋଜୁଛି ପ୍ରାଚୀନ କର୍ଣ୍ଣାମେଶ୍ୱର ମନ୍ଦିର

**ପୁରୀ, ୨୮।୮(ଅଜିତ ମହାନ୍ତି):**



### ଲକ୍ଷ୍ମୀ ମାର୍କେଟ କମ୍ପ୍ଲେକ୍ସ ପଛପଟେ ଅବହେଳିତ ଅବସ୍ଥାରେ ରହିଛି

ବଡ଼ଦାଣ୍ଡସ୍ଥିତ ଲକ୍ଷ୍ମୀ ମାର୍କେଟ କମ୍ପ୍ଲେକ୍ସ ପଛପଟେ ପ୍ରାଚୀନ କର୍ଣ୍ଣାମେଶ୍ୱର ମନ୍ଦିର ରହିଛି। ଗତ ମାର୍ଚ୍ଚ ମାସରେ ଉକ୍ତ ମାର୍କେଟ କମ୍ପ୍ଲେକ୍ସରେ ଅଗ୍ନିକାଣ୍ଡ ଘଟଣା ବେଳେ ଏହି କାରୁକାର୍ଯ୍ୟପୂର୍ଣ୍ଣ ଶୈବ ମନ୍ଦିର ଲୋକଲୋଚନକୁ ଆସିଥିଲା। ତେବେ ମନ୍ଦିରଟି ଅବହେଳିତ ଅବସ୍ଥାରେ ଓ ଠାକୁର ଅପୂଜା ଥିବା ଜଣାପଡ଼ିଥିଲା। ଏପର୍ଯ୍ୟନ୍ତ ପ୍ରଶାସନ ପକ୍ଷରୁ ଏହି ମନ୍ଦିର ପୁନରୁଦ୍ଧାର ଲାଗି ପଦକ୍ଷେପ ନିଆଯାଇ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି।

ଏ ସମ୍ପର୍କରେ ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ର କହିଛନ୍ତି, ଏହି ମନ୍ଦିର ଅତୀତରେ କର୍ଣ୍ଣାମେଶ୍ୱର ମନ୍ଦିର ଭାବେ ପରିଚିତ ଥିଲା। ରାଜା ଚୋଡ଼ଗଙ୍ଗ ଦେବଙ୍କ ରାଜତ୍ୱ ସମୟରେ ଅର୍ଥାତ ୧୧ଶହରୁ ୧୨ଶହ ମସିହା ମଧ୍ୟରେ ମନ୍ଦିରଟି ନିର୍ମାଣ ହୋଇଥିବା ଜଣାପଡ଼େ। ଯୋଗୀ କର୍ଣ୍ଣାମଗିରି ଉକ୍ତ ମନ୍ଦିର ନିର୍ମାଣ କରିଥିଲେ। ଐତିହାସିକ ମତବାଦ ଅନୁଯାୟୀ, ଯେଉଁ ସମୟରେ କର୍ଣ୍ଣାମଗିରି ପୁରୀ ଆସି ମହାପ୍ରଭୁଙ୍କୁ ଦର୍ଶନ କରିବା ପାଇଁ ଶ୍ରୀମନ୍ଦିରକୁ ଯାଇଥିଲେ, ସେହି ସମୟରେ ଅଣସର ଚାଲିଥିବାରୁ ଦର୍ଶନ ମିଳିପାରିବ ନାହିଁ ବୋଲି ସେବାୟତମାନେ କହିଥିଲେ। ସେ ଫେରିଆସି ଗଜପତିଙ୍କୁ ଭେଟିଥିଲେ। ତେବେ ରାଜପ୍ରତିନିଧି ତାଙ୍କୁ ବୁଝାଇଥିଲେ କି, ଏହି ସମୟରେ ମହାପ୍ରଭୁ ଅସୁସ୍ଥ ଥିବାରୁ ଗଜପତି ମଧ ମହାପ୍ରଭୁଙ୍କ ଦର୍ଶନରୁ ବଞ୍ଚିତ ହୋଇଥାନ୍ତି। ତେଣୁ ଅଣସର ପରେ ମହାପ୍ରଭୁଙ୍କୁ ଦର୍ଶନ କରିପାରିବେ। ମାତ୍ର ତାଙ୍କ ମନରେ ଅହଙ୍କାର ଥିଲା ଯେ, ହିମାଳୟରେ ସେ ସାଧନା କରିଆସିଥିବାରୁ ତାଙ୍କୁ ମହାପ୍ରଭୁଙ୍କ ଦର୍ଶନରୁ କେହି ଅଟକାଇ ପାରିବେ ନାହିଁ। ତେଣୁ ଯୋଗ ବା ସିଦ୍ଧି ବଳରେ ସେ ତାଙ୍କ ଶରୀରକୁ ଏକ ଭ୍ରମର ଆକୃତିରେ କରି ଶ୍ରୀମନ୍ଦିର ଅଣସର ପିଣ୍ଡିରେ ପଶିବାକୁ ଚେଷ୍ଟା କରିଥିଲେ। ସେ ସେଠାରେ ଦେଖିବାକୁ ପାଇଥିଲେ ୮ଜଣ ସଖୀ ମହାପ୍ରଭୁଙ୍କ ସେବା କରୁଛନ୍ତି, ଯାହାକୁ ସେ ଯୋଗରେ ଶକ୍ତି ବା ଦେବୀ ବୋଲି ବିବେଚନା କରିଥିଲେ। ୮ସଖୀ ହାତରେ ଧରିଥିବା ପଦ୍ମ ଉପରେ ସେ (ଭ୍ରମର) ବସି ମହାପ୍ରଭୁଙ୍କୁ ଦର୍ଶନ କରିବା ପାଇଁ ଚେଷ୍ଟା କରିଥିଲେ। ମାତ୍ର ପଦ୍ମପାଖୁଡ଼ା ବନ୍ଦ ହୋଇ ଯାଇଥିଲା। ଫଳରେ ଯୋଗୀ ଅଣନିଃଶ୍ୱାସୀ ହୋଇ ଜୀବନ ରକ୍ଷା ପାଇଁ ମହାପ୍ରଭୁଙ୍କୁ ଡାକିବା ସହ ତାଙ୍କର ଅହଙ୍କାର ଚୂର୍ଣ୍ଣ ହୋଇଥିବା କହିଥିଲେ। ମହାପ୍ରଭୁଙ୍କ ଆଶୀର୍ବାଦରୁ ଯୋଗୀ ଉଦ୍ଧାର ପାଇ ଗଜପତିଙ୍କୁ ଭେଟି ସମସ୍ତ କଥା ଜଣାଇଥିଲେ। ସେ ବ୍ରହ୍ମଙ୍କ ସନ୍ଧାନ ପାଇଥିବାରୁ ପୁରୀ ଛାଡ଼ି ଅନ୍ୟତ୍ର ଯିବେନାହିଁ ବୋଲି କହିବାରୁ ତାଙ୍କୁ ମରିଚିକୋଟ ନିକଟରେ ଗଜପତି ଜାଗା ଦେବା ପରେ ସେ ଏକ ମଠ ନିର୍ମାଣ କରିଥିଲେ। ତାହାର ନାମ ଥିଲା କର୍ଣ୍ଣାମଗିରି ମଠ। ତାଙ୍କର ଉପାସ୍ୟ ଥିଲେ ମହାଦେବ। ତେଣୁ ସେହି ସ୍ଥାନରେ ସେ ଶିବ ମନ୍ଦିର ପ୍ରତିଷ୍ଠା କରିଥିଲେ। ତାହା କର୍ଣ୍ଣାମେଶ୍ୱର ମହାଦେବ ମନ୍ଦିର ଭାବେ ପରିଚିତ ହୋଇଥିଲା। ସେଠାରେ ଜ୍ୟୋର୍ତିଲିଙ୍ଗ ଆକାରର ଲିଙ୍ଗ ଥିବାବେଳେ ପୂଜାପଦ୍ଧତି ଭିନ୍ନ ଥିଲା। ଉକ୍ତ ମଠଟି ଶ୍ରୀମନ୍ଦିର ଉପାସନା ସହ ଜଡ଼ିତ ଥିଲା। ତେବେ କାଳକ୍ରମେ ଉପାସନା ତଥା ପୂଜାର୍ଚ୍ଚନା ବନ୍ଦ ହୋଇଗଲା। ୨୫ବର୍ଷ ପୂର୍ବେ ମଠ ଓ ମନ୍ଦିର ଜାଗାକୁ କେତେଜଣ ପ୍ରଭାବଶାଳୀ ବ୍ୟକ୍ତି ଚକ୍ରାନ୍ତ କରି ସେମାନଙ୍କ ନାମରେ କରାଇନେଇଥିଲେ, ଯାହାକୁ ନେଇ ବିବାଦ ଦେଖାଯାଇଥିଲା ବୋଲି ମିଶ୍ର କହିଛନ୍ତି। କର୍ଣ୍ଣାମେଶ୍ୱର ମନ୍ଦିର ପରିତ୍ୟକ୍ତ ତଥା ଅବହେଳିତ ଅବସ୍ଥାରେ ରହିଛି। ପ୍ରଶାସନ ପକ୍ଷରୁ ଏହାର ପୁନରୁଦ୍ଧାର କରାଯିବାକୁ ଦାବି ହେଉଛି। ଏନେଇ ସଦର ତହସିଲଦାର କ୍ଷୀରୋଦ ବେହେରା କହିଛନ୍ତି, ଏହି ମାମଲା କୋର୍ଟରେ ବିଚାରାଧୀନ ରହିଛି। କୋର୍ଟଙ୍କ ରାୟ ଆସିବା ପରେ ଯାହା କିଛି ପଦକ୍ଷେପ ନିଆଯାଇପାରିବ।

# ପଞ୍ଚାୟତ ଅଫିସ ଘେରିଲା ଭାଜପା



ବିକାଶ ରଥ ସହ ଭାଜପା କର୍ମୀମାନେ ଶୋଭାଯାତ୍ରାରେ ଯାଉଛନ୍ତି ।

**କାକଟପୁର, ୨୮।୮(ଶୁଭଦର୍ଶନ ମିଶ୍ର)**

### ବିକାଶ ରଥ ଉଦ୍‌ଘାଟିତ

ମା' ମଙ୍ଗଳା ପୀଠରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୯ ବର୍ଷର ସୁଶାସନର ବିକାଶର ବାର୍ତ୍ତା ନେଇ ଏକ ବିକାଶ ରଥ ସୋମବାର ଉଦ୍‌ଘାଟିତ ହୋଇଛି। ଏହି ରଥ କାକଟପୁର ନିର୍ବାଚନମଣ୍ଡଳୀର ପ୍ରତ୍ୟେକ ପଞ୍ଚାୟତର ସମସ୍ତ ୱାର୍ଡ ପରିକ୍ରମା କରିବା ସହିତ ଜନ ଜାଗରଣ ସୃଷ୍ଟି କରିବ। କାକଟପୁର ନିର୍ବାଚନମଣ୍ଡଳୀ ସଂଯୋଜକ ସୁଦର୍ଶନ ସ୍ୱାଇଁ, ପୂର୍ବତନ ବିଧାୟକ ପ୍ରାର୍ଥୀ ଈଶ୍ୱର ବେହେରା, ବରିଷ୍ଠ ନେତା ସର୍ବେଶ୍ୱର ମଲ୍ଲିକ, ଲତାହରଣ ମଣ୍ଡଳ ସଭାପତି ସରୋଜ ମିଶ୍ର, ନୂଆଗଡ଼ ମଣ୍ଡଳ ସଭାପତି ଗୋଲେଖ ପ୍ରଧାନ, ପୂର୍ବତନ ଜିଲା ପରିଷଦ ସଭ୍ୟ ଅଧିକାରୀ ବେହେରା, କାକଟପୁର ନିର୍ବାଚନମଣ୍ଡଳୀ ବିସ୍ତାରକ ଗୋପୀନାଥ ଗଜପତି ଭୂୟାଁ, ବରିଷ୍ଠ କାର୍ଯ୍ୟକର୍ତ୍ତା ପ୍ରସନ୍ନ ବେହେରା, ମାନସ ରାଉତଙ୍କ ସହିତ ଶତାଧିକ ଭାଜପା କର୍ମକର୍ତ୍ତା ମନ୍ଦିରରେ ପୂଜାର୍ଚ୍ଚନା କରି ଏହି ରଥକୁ ଉଦ୍‌ଘାଟନ କରିଥିଲେ। ଏହାପରେ କୋଟକଣା ପଞ୍ଚାୟତ ପକ୍ଷରୁ ଏକ ବାଇକ୍ ଶୋଭାଯାତ୍ରାରେ କର୍ମୀମାନେ ବାହାରି ରାଜ୍ୟ ସରକାରଙ୍କ ଦୁର୍ନୀତି ଓ ଭ୍ରଷ୍ଟାଚାର ବିରୋଧରେ ପଞ୍ଚାୟତରେ ଜନ ଜାଗରଣ ସୃଷ୍ଟି କରିବା ସହିତ ପଞ୍ଚାୟତ କାର୍ଯ୍ୟାଳୟ ଘେରାଉ କରିଥିଲେ। ଲତାହରଣ ମଣ୍ଡଳ ସଭାପତି ସରୋଜ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ପୂର୍ବତନ ବିଧାୟକ ବାଇଧର ମଲ୍ଲିକ, ରାଜ୍ୟ ମହିଳା ମୋର୍ଚ୍ଚା ସମ୍ପାଦିକା ରାଜଲକ୍ଷ୍ମୀ ଦାଶ, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ମଙ୍ଗଳା ପ୍ରସାଦ ସାମନ୍ତରାୟ ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ଜନ ବିରୋଧୀ ନୀତିକୁ କଟୁ ସମାଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କୋଟକଣାର ଯୁବନେତା ମନୋଜ ଦାସ, ରମେଶ ମୁଦୁଲି, ତାରକେଶ୍ୱର ବିଶ୍ୱାଳ, ବିଜୟ ବିଶ୍ୱାଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ସଂକ୍ଷେପରେ

### କୌଶଳ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

ସାକ୍ଷୀଗୋପାଳ, ୨୮।୮
(ପ୍ରଶାନ୍ତ ବାରିକ/କିଶୋର ମହାପାତ୍ର)

ସ୍ଥାନୀୟ ସତ୍ୟବାଦୀ ହାଇସ୍କୁଲରେ ୩ ଦିନିଆ କୌଶଳ ପ୍ରଶିକ୍ଷଣ ଶିବିର ସୋମବାରଠାରୁ ଆରମ୍ଭ ହୋଇଛି। ଏହା ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ମାନସ ରଞ୍ଜନ ପଟ୍ଟନାୟକଙ୍କ ପ୍ରାରମ୍ଭିକ ସମ୍ଭାଷଣ ପରେ ଉକ୍ତ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ସତ୍ୟବାଦୀ ବ୍ଲକର ୨୫ ଗୋଟି ବିଦ୍ୟାଳୟର ୨୫ ଜଣ ଗଣିତ ଶିକ୍ଷୟିତ୍ରୀ ଶିକ୍ଷକ ଏଥିରେ ଯୋଗ ଦେଇଥିଲେ। ଜାତୀୟ ଶିକ୍ଷାନୀତି ଅନୁଯାୟୀ, ଛାତ୍ରୀଛାତ୍ରଙ୍କୁ ଉନ୍ନତ ଜ୍ଞାନ କୌଶଳ ଦ୍ୱାରା ଗଣିତ ଓ କମ୍ପ୍ୟୁଟର ଶିକ୍ଷାର ଉପଯୋଗିତା ସମ୍ପର୍କରେ ପ୍ରଶିକ୍ଷକମାନେ ଶିକ୍ଷକଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଶିକ୍ଷକ ଉମାକାନ୍ତ ମିଶ୍ର ଓ ପ୍ରଦୀପ ମାଝୀ ପ୍ରଶିକ୍ଷକ ଭାବେ ଉକ୍ତ ଶିବିରକୁ ପରିଚାଳନା କରିଥିଲେ।

### ସାମାଜିକ କର୍ମୀ ରାଜକିଶୋର ସ୍ୱାଇଁଙ୍କ ସ୍ମୃତିଚାରଣ

**ପୁରୀ, ୨୮।୮(ଅଜିତ ମହାନ୍ତି)**

ସାମାଜିକ କର୍ମୀ ସ୍ୱର୍ଗତ ରାଜକିଶୋର ସ୍ୱାଇଁଙ୍କ ଶ୍ରଦ୍ଧାଞ୍ଜଳିସଭା ତାଙ୍କ ଜନ୍ମମାଟିପାରିପୋଟଲି ଗାଁରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ସ୍ୱେଚ୍ଛାସେବୀ ଆନ୍ଦୋଳନର ମୁଖ୍ୟ ପୁରୋଧା ସୋଲାର ସଂସ୍ଥାର ପ୍ରତିଷ୍ଠାତା ହରିଶ ଚନ୍ଦ୍ର ଦାସଙ୍କ ସଭାପତିତ୍ୱ କରିଥିଲେ। ସ୍ୱର୍ଗତ ରାଜକିଶୋର ସମାଜସେବା କ୍ଷେତ୍ରରେ ଏକ ବଳିଷ୍ଠ ଉଦାହରଣ ଥିଲେ। ପରିବେଶ ସୁରକ୍ଷା, ମହିଳାଙ୍କ ଅଧିକାର, ଶିଶୁ ଶ୍ରମିକ ପ୍ରଥା ଉଚ୍ଛେଦ, ଜଳ ପରିମଳ, ସୁରକ୍ଷିତ ପାନୀୟଜଳ ଯୋଗାଣ, ବିକାଶମୁଖୀ ଅନୁଷ୍ଠାନର ସୁପରିଚାଳନା, ବୃକ୍ଷରୋପଣ, ସ୍ୱାସ୍ଥ୍ୟସେବା ଆଦି ବିଭିନ୍ନ କ୍ଷେତ୍ରରେ ଲୋକେ କିଭଳି ଜଡ଼ିତ ହେବେ ଓ ସୁଫଳ ପାଇବେ ସେଥିପାଇଁ ସେ ଚେଷ୍ଟା କରୁଥିଲେ। ସାମାଜିକ କର୍ମୀ ଉମାକାନ୍ତ ମହାନ୍ତି, ପ୍ରଦୀପ କୁମାର ମହାରଣା, ନକୁଳ ଚନ୍ଦ୍ର ସ୍ୱାଇଁ, ସୁଶାନ୍ତ ତ୍ରିପାଠୀ, ବାଦଲ କୁମାର ବେହେରା, ପୂର୍ଣ୍ଣଚନ୍ଦ୍ର ଦାସ, ସୁଧାକର ଭୋଳ, ଲଭ୍‌ଲି ଦାସଗୁପ୍ତା ପ୍ରମୁଖ ସ୍ୱର୍ଗତ ସ୍ୱାଇଁଙ୍କ ସ୍ମୃତିଚାରଣ କରିଥିଲେ। ପ୍ରଭୁ କଲ୍ୟାଣ ଦାଶ, ପ୍ରତାପ ମିଶ୍ର, ନିରଞ୍ଜନ ବେହେରା, ବିଶ୍ୱଜିତ୍ ଦାଶ ଏବଂ ପୂର୍ଣ୍ଣଚନ୍ଦ୍ର ଦାସ ପ୍ରମୁଖ ସ୍ୱର୍ଗତ ସ୍ୱାଇଁଙ୍କ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ପରେ ନକୁଳ ସ୍ୱାଇଁଙ୍କ ନେତୃତ୍ୱରେ କ୍ୟାଣ୍ଡେଲ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିଥିଲା। ଗୋପାଳକୃଷ୍ଣ ଜେନା, ଜଳନ୍ଧର ବରାଳ, ଚିନ୍ମୟ ଦେବ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।


ହନ୍ତୁକା ସେବା ସମବାୟ ସମିତିର ସଭ୍ୟମାନେ ବୀମାରାଶି ପାଇବା ଦାବିରେ ସୋମବାର ପୁରୀ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି । (ଫଟୋ- ଯଜ୍ଞେଶ୍ୱର ମହାନ୍ତି )

# ଲୋକପାଳଙ୍କ ବୀମା ଅଭିଯୋଗ ଶୁଣାଣି

**ପୁରୀ, ୨୮।୮(ଅଜିତ୍ ମହାନ୍ତି):**

### ୮ ମାମଲାର ଫଇସଲା

ପେଣ୍ଟକଟାସ୍ଥିତ ଏଲ୍‌ଆଇସି ଭିଆଇପି ଗେଷ୍ଟ ହାଉସ ପରିସରରେ ସୋମବାର ଲୋକପାଳଙ୍କ ବୀମା ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ୮ଟି ଗୁରୁତ୍ୱପୂର୍ଣ୍ଣ ବୀମାଜନିତ ମାମଲାର ଅଭିଯୋଗ ଶୁଣାଣି କରାଯାଇ ଫଇସଲା କରାଯାଇଛି, ଯାହାକୁ ନେଇ ଗ୍ରାହକଙ୍କ ଠାରୁ ଆରମ୍ଭ କରି ବୀମା କମ୍ପାନୀମାନେ ଖୁସିବ୍ୟକ୍ତ କରିଛନ୍ତି। ଏହି ବୀମା ଲୋକପାଳରେ ଜୀବନ ବୀମା, ସ୍ୱାସ୍ଥ୍ୟ ବୀମା, ଯାନବାହନ ବୀମା ସମ୍ବନ୍ଧୀୟ ଅଭିଯୋଗର ଶୁଣାଣି କରାଯାଇଛି। ବିଶେଷକରି ଅନଲାଇନ୍ ଠକାମିର ଶିକାର ହୋଇଥିବା ବୀମାଧାରୀ ମଧ୍ୟ ଏହି ବୀମା ଲୋକପାଳ ଦ୍ୱାରା ଉପକୃତ ହୋଇପାରିଛନ୍ତି। ୧୯୯୯ ମସିହାରେ ବୀମା ଲୋକପାଳ ସଂସ୍ଥା ସ୍ଥାପନ ହୋଇଥିଲା। ବୀମା କମ୍ପାନୀ ଓ ପଲିସିଧାରୀଙ୍କ ମଧ୍ୟରେ ଉପୁଜିଥିବା ସମସ୍ୟାର ସମାଧାନ ଏହାର ମୁଖ୍ୟ ଲକ୍ଷ୍ୟ। ଫସଲ ବୀମାକୁ ବାଦ୍ ଦେଇ ଏଠାରେ ଅନ୍ୟ ସମସ୍ତ ପ୍ରକାର ବୀମା ସମସ୍ୟାର ସମାଧାନ କରାଯାଇଥାଏ। ଗତ ଆର୍ଥିକ ବର୍ଷରେ ଓଡ଼ିଶାରେ ସମୁଦାୟ ୧୫୩୫ ସମସ୍ୟା ୬୦ ଦିନରେ ସମାଧାନ ହୋଇପାରିଛି। ଅଭିଯୋଗକାରୀ ବିନା ମୂଲ୍ୟରେ ଦରଖାସ୍ତ ଦେଇ କିମ୍ବା ଅନ୍‌ଲାଇନ ମାଧ୍ୟମରେ ଅଭିଯୋଗ କରିପାରିବେ। ବୀମା ଲୋକପାଳ ୯୦ ଦିନ ମଧ୍ୟରେ ନିଜ ନିଷ୍ପତ୍ତି ପ୍ରକାଶ କରନ୍ତି। ଲୋକପାଳଙ୍କ ଆଦେଶ ବିରୋଧରେ ବୀମା କମ୍ପାନୀ ଅପିଲ କରିପାରିବେ ନାହିଁ। ଭାରତରେ ୧୭ଟି ବୀମା ଲୋକପାଳ କାର୍ଯ୍ୟାଳୟ ଥିବାବେଳେ ଓଡ଼ିଶାରେ ୨୦୦୦ ମେ ୨୦ରୁ ଏହା କାର୍ଯ୍ୟ କରୁଛି। ଭୁବନେଶ୍ୱରରେ ଏହାର ମୁଖ୍ୟ କାର୍ଯ୍ୟାଳୟ ରହିଥିବା ବେଳେ ପ୍ରଥମଥର ପାଇଁ ପୁରୀରେ ଏଭଳି ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏପରି ଶୁଣାଣି ଫଳରେ ଆଉ ବିନା କାରଣରେ ବୀମା ପ୍ରଦାନକାରୀ କମ୍ପାନୀମାନେ ଗ୍ରାହକଙ୍କୁ ଠକି ପାରିବେ ନାହିଁ। ବର୍ଷବର୍ଷର ସମସ୍ୟା କିଛିଦିନ ମଧ୍ୟରେ ସମାଧାନ ହେବ। ଏହି ଶୁଣାଣିରେ ବୀମା ଲୋକପାଳ କାର୍ଯାଳୟରରାଜ୍ୟ ବୀମା ଲୋକପାଳ ଅଧିକାରୀ ମନୋଜ ପରିଡ଼ା, ଭାରପ୍ରାପ୍ତ ସଚିବ ଅଜୟ କୁମାର ଦାସ, ବିରୁପାକ୍ଷ ପଣ୍ଡା, କୃଷ୍ଣଚନ୍ଦ୍ର ବାରିକ, କାହ୍ନୁଚରଣ ବେହେରା, ରାମକୃଷ୍ଣ ସାଇ ଏବଂ ଧୀରେଶ ଚନ୍ଦ୍ର ଡାନି ପ୍ରମୁଖ ଯୋଗ ଦେଇଥିଲେ।

### ସିଡିଏମ୍‌ଓଙ୍କ ବଦଳି ଦାବିରେ ମୁଖ୍ୟମନ୍ତ୍ରୀଙ୍କୁ ପତ୍ର

**ପୁରୀ, ୨୮।୮(ଅଜିତ୍ ମହାନ୍ତି)**

ପୁରୀ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ (ସିଡିଏମ୍‌ଓ)ଙ୍କୁ ଅନ୍ୟତ୍ର ବଦଳି କରିବାକୁ ଦାବି କରି ସାମାଜିକକର୍ମୀ ଦିଲୀପ ବରାଳ ମୁଖ୍ୟମନ୍ତ୍ରୀଙ୍କୁ ଏକ ପତ୍ର ପଠାଇଛନ୍ତି। ବରାଳ ତାଙ୍କ ପତ୍ରରେ ଅଭିଯୋଗ ଆଣି ଦର୍ଶାଇଛନ୍ତି ଯେ, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ପଦବୀରେ ପୁରୀରେ ୩ ବର୍ଷ କାର୍ଯ୍ୟ କରିସାରିଲେଣି। ତାଙ୍କ କାର୍ଯ୍ୟ ସମୟରେ ଜିଲାର କୌଣସି ସ୍ୱାସ୍ଥ୍ୟକେନ୍ଦ୍ରକୁ ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମଚାରୀ ଠିକ୍ ସମୟରେ କାର୍ଯ୍ୟକୁ ଆସୁନାହାନ୍ତି। ଏପରିକି ତାଙ୍କ କାର୍ଯ୍ୟାଳୟକୁ ମଧ୍ୟ କର୍ମଚାରୀମାନେ ଠିକ୍ ସମୟରେ ଆସୁନାହାନ୍ତି। ଦିନ ୧୨ଟା ପରେ ଅଧିକାରୀ ଓ କର୍ମଚାରୀମାନେ କାର୍ଯ୍ୟାଳୟକୁ ଆସିଥାନ୍ତି। ପିପିଲ୍ ବ୍ଲକ୍ କମାକନ୍ତିଆ ସ୍ୱାସ୍ଥ୍ୟ ଉପକେନ୍ଦ୍ରରେ ସରକରୀ ବାସଭବନକୁ ଜବରଦଖଲ ହଟାଇ ନିଜ ଅଧିନକୁ ଆଣିପାରୁନାହାନ୍ତି। ତେଣୁ ସେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ପଦବୀରେ ରହି କାର୍ଯ୍ୟ କରିବାକୁ ଅସମର୍ଥ। ତେଣୁ ତାଙ୍କୁ ତୁରନ୍ତ ଅନ୍ୟତ୍ର ବଦଳି କରାଯାଉ ବୋଲି ବରାଳ ଦାବି କରିଛନ୍ତି।

### ୩ ଅଗ୍ନିବିପନ୍ନ ପରିବାରଙ୍କୁ ସହାୟତା

**କୃଷ୍ଣପ୍ରସାଦ, ୨୮।୮(କୈଳାସ ଚନ୍ଦ୍ର ପଟ୍ଟନାୟକ):**

ବଡ଼ଅଁଳ ପଞ୍ଚାୟତ ଅଧୀନ ରସକୁଦୀ ଗ୍ରାମର ୩ ଅଗ୍ନି ବିପନ୍ନ ପରିବାରଙ୍କୁ ଭାଜପା ନେତ୍ରୀ ଉପାସନା ମହାପାତ୍ର ଭେଟି ସାନ୍ତ୍ୱନା ଦେବା ସହିତ ସହାୟତା ଯୋଗାଇ ଦେଇଛନ୍ତି। ସରକାରୀ ସ୍ତରରୁ ସହାୟତା ଲାଗି ମଧ୍ୟ ଉପାସନା ତହସିଲଦାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ମଣ୍ଡଳ ଭାଜପା ସଭାପତି ଦୀନବନ୍ଧୁ ଜେନା, ଉତ୍ତମ କୁମାର ତରେଇ, ବଡ଼ଅଁଳ ସରପଞ୍ଚ ବୀଣାପାଣି ପ୍ରଧାନ, ପ୍ରଫୁଲ୍ଲ ପ୍ରଧାନ, ଶରତ ଚନ୍ଦ୍ର ଜେନା, ରମେଶ ଚନ୍ଦ୍ର ସିଂହସାମନ୍ତ, ପ୍ରମୋଦ ବିଶ୍ୱାଳ, ହରମୋହନ ମାନସିଂହ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରକାଶ ଯେ, ୨୦ ତାରିଖରେ ଅଗ୍ନିକାଣ୍ଡ ଘଟି ଦୀପକ ବେହେରା, ବୁଲୁ ବେହେରା ଏବଂ ତ୍ରିନାଥ ବେହେରାଙ୍କ ଗୋଟିଏ ବଖରା ଲେଖାଏ ଘର ଜଳିଯାଇଛି। ଉପାସନା ବିଭିନ୍ନ ରୋଗରେ ଆକ୍ରାନ୍ତ ପରିବାରକୁ ଭେଟି ଆର୍ଥିକ ସହାୟତା ଯୋଗାଇ ଦେଇଥିବା ଜଣାପଡିଛି।

# ଅଭିଭାବକ କମିଟି ସହ ଅଧିକାରୀଙ୍କ ଆଲୋଚନା

### ଶିକ୍ଷକଙ୍କୁ ଡେପୁଟେଶନରେ ପଠାଯିବା ଘଟଣା

**ସାକ୍ଷୀଗୋପାଳ, ୨୭।୮**
**(ପ୍ରଶାନ୍ତ ବାରିକ/ କିଶୋର ମହାପାତ୍ର)**

ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ନରେନ୍ଦ୍ରପୁର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଜଣେ ଶିକ୍ଷକଙ୍କୁ ଗତ ୧୬ ତାରିଖରେ ଡେପୁଟେଶନରେ ନିକଟସ୍ଥ ଏକ ସ୍କୁଲକୁ ପଠାଯାଇଥିଲା। ଉଚ୍ଚ କର୍ତ୍ତୃପକ୍ଷଙ୍କ ଏଭଳି ନିଷ୍ପତ୍ତିକୁ ଛାତ୍ରୀଛାତ୍ର ବିରୋଧ କରିବା ସହ ଶିକ୍ଷକଙ୍କୁ ଫେରାଇ ଆଣିବା ଦାବିରେ ଛାତ୍ରୀଛାତ୍ର ଓ ଅଭିଭାବକମାନେ ବିଦ୍ୟାଳୟ ଫାଟକରେ ତାଲା ପକାଇ ସ୍କୁଲ ସମ୍ମୁଖରେ ଆନ୍ଦୋଳନ କରିଥିଲେ। ତେବେ ଲାଗିରହିଥିବା ଏହି ଅଚଳାବସ୍ଥାର ୧୧ଦିନ ପରେ ସୋମବାର ଆପୋସ ସମାଧାନ ହୋଇଛି। ବ୍ଲକ ଶିକ୍ଷା ଅଧିକାରୀ ଭବମ ପ୍ରଧାନଙ୍କ ନିର୍ଦ୍ଦେଶକ୍ରମେ ୨ଜଣ ସହ ଶିକ୍ଷା ଅଧିକାରୀ ବିଦ୍ୟାଳୟରେ ପହଞ୍ଚି ସ୍କୁଲ ପରିସରରେ ଅଭିଭାବକ କମିଟି ସହ ଆଲୋଚନା କରିଥିଲେ। ଦାବି ମୁତାବକ ଯେତେବେଳେ ସତ୍ୟବାଦୀରେ ଶିକ୍ଷକ ପୋଷ୍ଟିଂ ହେବେ ସେତେବେଳେ ପ୍ରାଥମିକତା ଭିତ୍ତିରେ ନରେନ୍ଦ୍ରପୁର ବିଦ୍ୟାଳୟକୁ ଏକ ଶିକ୍ଷକ ଦିଆଯିବ ବୋଲି କୁହାଯାଇଥିଲା। ଏହାପରେ ଅଭିଭାବକମାନେ ଆନ୍ଦୋଳନରୁ ବିରତି ନେଇ ଛାତ୍ରୀଛାତ୍ରଙ୍କୁ ମଙ୍ଗଳବାରଠାରୁ ଛାଡ଼ିବା ପାଇଁ କହିଛନ୍ତି। ଅନ୍ୟପଟେ ବ୍ଲକର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସ୍କୁଲ ସମୟରେ କୌଣସି ଅଘଟଣ ଘଟିଲେ ସୋସିଆଲ ମିଡିଆକୁ ପ୍ରାଧାନ୍ୟ ନ ଦେଇ ଲିଖିତ ଭାବେ ଜଣାଇବା ପାଇଁ ବ୍ଲକ ଶିକ୍ଷା ଅଧିକାରୀ ପ୍ରଧାନ ପରାମର୍ଶ ଦେଇଛନ୍ତି। ଉଲ୍ଲେଖ ଥାଉକି, ଏହି ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୧୨୬ଜଣ ଛାତ୍ରୀଛାତ୍ର ପାଠ ପଢୁଥିବାବେଳେ ୫ଜଣ ଶିକ୍ଷକ ଥିଲେ। କିନ୍ତୁ ଏହି ୫ଜଣଙ୍କ ମଧ୍ୟରୁ ଜଣେ ଶିକ୍ଷକ ଅଧିକ ଥିବାରୁ ତାଙ୍କୁ ଅନ୍ୟତ୍ର ସ୍କୁଲକୁ ଡେପୁଟେଶନରେ ପଠାଯାଇଥିବା କର୍ତ୍ତୃପକ୍ଷ କହିଥିଲେ। ହେଲେ ଛାତ୍ରୀଛାତ୍ର, ଅଭିଭାବକ ଓ ବିଦ୍ୟାଳୟ କମିଟି ପକ୍ଷରୁ ଏହାକୁ ଗ୍ରହଣ କରୁନାହାନ୍ତି। ସେହିଭଳି ସତ୍ୟବାଦୀର ମୂଳ ଅଲସା ପଞ୍ଚାୟତର ପରହାଟ ଉନ୍ନିତ ଉଚ୍ଚ ବିଦ୍ୟାଳୟର ଜଣେ ଶିକ୍ଷକଙ୍କୁ ଅନ୍ୟତ୍ର ବଦଳି କରାଯିବାକୁ ନେଇ ପିଲାମାନେ ସ୍କୁଲ ଫାଟକ ଆଗରେ ଆନ୍ଦୋଳନ କରିଥିଲେ।


ସ୍କୁଲ ପରିସରରେ ଶିକ୍ଷକ ଏବଂ ଅଭିଭାବକଙ୍କ ମଧ୍ୟରେ ଆଲୋଚନା ଚାଲିଛି ।

# ଜିଲା ବିଜୁ ମହିଳା ଜନତା ଦଳର କାର୍ଯ୍ୟକାରିଣୀ ବୈଠକ

**ପୁରୀ, ୨୮।୮(ଅଜିତ ମହାନ୍ତି):**

ବିଜୁ ମହିଳା ଜନତା ଦଳ ପୁରୀ ଶାଖା ପକ୍ଷରୁ ସୋମବାର ସ୍ଥାନୀୟ ନରେନ୍ଦ୍ରକୋଣସ୍ଥିତ ବିଜେଡି କାର୍ଯ୍ୟାଳୟରେ ଦଳର ଜିଲା କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ସଭାନେତ୍ରୀ ଶାନ୍ତିଲତା ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ତୃଣମୂଳସ୍ତରରୁ ମହିଳା ସଙ୍ଗଠନକୁ ସୁଦୃଢ କରିବା ସହ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା କିପରି ଲୋକଙ୍କ ନିକଟରେ ପହଞ୍ଚିବ ସେନେଇ ବୈଠକରେ ଆଲୋଚନା ହୋଇଥିଲା। ରାଜ୍ୟ ସରକାର ମହିଳା ସଶକ୍ତୀକରଣ ଦିଗରେ ଗୁରୁତ୍ୱ ଦେଇଆସୁଥିବା ବେଳେ ତୃଣମୂଳସ୍ତରରୁ ମହିଳା ସଙ୍ଗଠନଗୁଡିକୁ ସୁଦୃଢ କରାଯିବା ପାଇଁ ମତ ପ୍ରକାଶ ପାଇଥିଲା। ବୈଠକରେ ରାଜ୍ୟ ବିଜେଡି ମହିଳା ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ମନ୍ତ୍ରୀ ତୁଷାରକାନ୍ତି ବେହେରା ଏବଂ ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶ ଯୋଗଦେଇ ନିର୍ବାଚନମଣ୍ଡଳୀ ଓ ବ୍ଲକ ଗୁଡ଼ିକରେ କିପରି ମହିଳା ସଙ୍ଗଠନ ସୁଦୃଢ ହେବ ସେ ନେଇ ନେତ୍ରୀ ଓ କର୍ମୀଙ୍କୁ ଗୁରୁମନ୍ତ୍ର ଦେଇଥିଲେ। ରାଜ୍ୟ ବିଜୁ ମହିଳା ଜନତା ଦଳର ମହାସଚିବ କସ୍ତୁରୀ ମହାପାତ୍ର, ଜିଲା ନିରୀକ୍ଷକ ସନ୍ଧ୍ୟା ବିଶ୍ୱାଳ, ରାଜ୍ୟ କମିଟି ସଦସ୍ୟା ପୁଷ୍ପାଞ୍ଜଳି ରଣା, ସନ୍ଧ୍ୟାବତୀ ପ୍ରଧାନ, ଶୁଭ୍ରାନ୍ତି ସାମନ୍ତରାୟ ଓ ଜିଲା ପରିଷଦ ଅଧ୍ୟକ୍ଷା ସ୍ୱପ୍ନାରାଣୀ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।



ବୈଠକରେ ଜିଲା ସଭାନେତ୍ରୀ ଶାନ୍ତିଲତା ପ୍ରଧାନ ଏବଂ ଅନ୍ୟ ନେତୃବୃନ୍ଦ ।

# ଅମଲାଙ୍କ ଦାବି, ସମସ୍ୟା ନେଇ ଆଲୋଚନା

**ପୁରୀ, ୨୮।୮(ଅଜିତ ମହାନ୍ତି)**

### ଓଡ଼ିଶା ଅମଲା ସଂଘର ପ୍ରଥମ କାର୍ଯ୍ୟକାରିଣୀ ବୈଠକ

ଓଡ଼ିଶା ଅମଲା ସଂଘର ପ୍ରଥମ କାର୍ଯ୍ୟକାରିଣୀ ବୈଠକ ଓ ଜିଲା କର୍ମକର୍ତ୍ତା ଚୟନ କାର୍ଯ୍ୟକ୍ରମ ସୋମବାର ସ୍ଥାନୀୟ ଭିଆଇପି ରୋଡସ୍ଥିତ ଗୋପବନ୍ଧୁ ଆୟୁର୍ବେଦ କଲେଜ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ରାଜ୍ୟ ସଂଘର ସଭାପତି ଜ୍ଞାନରଞ୍ଜନ ଦାସ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ (ରାଜସ୍ୱ) କୈଳାସ ଚନ୍ଦ୍ର ନାୟକ, ସମ୍ମାନିତ ଅତିଥି ଭାବେ ଉପଜିଲାପାଳ ଭବତାରଣ ସାହୁ, ଅଧ୍ୟକ୍ଷ ହୃଦୟ ବିହାରୀ ମହାପାତ୍ର, କାର୍ଯ୍ୟକାରୀ ସଭାପତି ଦେବେନ୍ଦ୍ରନାଥ ପାତ୍ର, ମୁଖ୍ୟ ପୃଷ୍ଠପୋଷକ ପ୍ରସନ୍ନ କୁମାର ତ୍ରିପାଠୀ, ପୂର୍ବତନ ସଭାପତି ଶତ୍ରୁଘ୍ନ ପାଣିଗ୍ରାହୀ, ସାଧାରଣ ସମ୍ପାଦକ ଚିତ୍ତରଞ୍ଜନ ତରାସିଆ, ସଙ୍ଗଠନ ସମ୍ପାଦକ ଅରୁଣ ବଳିଆରସିଂ, ଜିଲା ସଭାପତି ମହେନ୍ଦ୍ର କୁମାର ମହାପାତ୍ର ଏବଂ ପରାମର୍ଶଦାତା ପ୍ରଭାକର ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ସମସ୍ତ ଜିଲା ପ୍ରତିନିଧି, ରାଜ୍ୟ ନେତୃବୃନ୍ଦ ଏବଂ ପୁରୀ ଜିଲାର ସମସ୍ତ ବିଭାଗରେ କାର୍ଯ୍ୟରତ ଅମଲା ଉପସ୍ଥିତ ଥିଲେ। ସଭ୍ୟମାନଙ୍କର ବିଭିନ୍ନ ସମସ୍ୟା ଓ ଦାବି ବିଷୟରେ ଆଲୋଚନା କରାଯାଇଥିଲା। ମୁଖ୍ୟତଃ କନିଷ୍ଠ ସହାୟକଙ୍କ ଦରମା ଲେଭଲ-୯ ବିଷୟରେ ଆଲୋଚନା ହୋଇଥିଲା। ଏହି ଅବସରରେ ଜିଲାର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ମୁଖ୍ୟ ପୃଷ୍ଠପୋଷକ ପ୍ରସନ୍ନ କୁମାର ତ୍ରିପାଠୀ ଶପଥ ପାଠ କରାଇଥିଲେ। ମୁଖ୍ୟ ଉପଦେଷ୍ଟା ଭାବେ ଦୁର୍ଗାଚରଣ ମହାନ୍ତି, ଅଧ୍ୟକ୍ଷ ମହେନ୍ଦ୍ର କୁମାର ମହାପାତ୍ର, ସଭାପତି ପ୍ରଶାନ୍ତ କୁମାର ମିଶ୍ର, କାର୍ଯ୍ୟକାରୀ ସଭାପତି ଲଲାଟେନ୍ଦୁ ହୋତା, ଉପସଭାପତି ଦେବାଶିଷ ଦାସ, ସାରଦା ପ୍ରସନ୍ନ ଆଚାର୍ଯ୍ୟ, ସତ୍ୟପ୍ରିୟ ମହାପାତ୍ର, ଦୀପ୍ତି ପ୍ରକାଶ ସ୍ୱାଇଁ, ଶୁଭକାନ୍ତ ପଣ୍ଡା , ସମ୍ପାଦକ ସୁକାନ୍ତ ପଲେଇ, କାର୍ଯ୍ୟାଳୟ ସମ୍ପାଦକ ପ୍ରବୀର କୁମାର ବିଶ୍ୱାଳ ଚୟନ ହୋଇଛନ୍ତି। ସେହିପରି ଅତିରିକ୍ତ ସମ୍ପାଦକ ସରୋଜ କୁମାର ଦାସ, ଗଣେଶ ଚନ୍ଦ୍ର ପାତ୍ର, ସଞ୍ଜୟ ଶର୍ମା, ମାନସ ମହାନ୍ତି, ସଂଗ୍ରାମ ମିଶ୍ର, ପୂର୍ଣ୍ଣଚନ୍ଦ୍ର ମାର୍ଥା, ବାଦଲ ତରାସିଆ, କମିଟି ଉପଦେଷ୍ଟା ବନମାଳୀ ଗିରି, ଅଶୋକ କୁମାର ମହାନ୍ତି, ସୁରେନ୍ଦ୍ର ବରାଳ, ମୁରଲୀଧର ଖୁଣ୍ଟିଆ, ଜିତେନ୍ଦ୍ର ନାଥ ରାଉତ, ସଙ୍ଗଠନ ସମ୍ପାଦକ ମାନସ କୁମାର ପାତ୍ର, ମିଡିଆ ସମ୍ପାଦକ ରାଜେନ୍ଦ୍ର କୁମାର ପାତ୍ର, କୋଷାଧ୍ୟକ୍ଷ ସୁଜିତ୍ କୁମାର ମିଶ୍ର, ଜିଲା ଶୃଙ୍ଖଳା କମିଟି ସଦସ୍ୟ ପ୍ରଭାକର ପ୍ରଧାନଙ୍କୁ ଚୟନ କରାଯାଇଛି। ସାଗର ମହାନ୍ତି, ସାଗର ଜେନା, ମହିମା ନନ୍ଦନ ପାତ୍ର, ପ୍ରଶାନ୍ତ କୁମାର ମହାନ୍ତି, ଗୋବର୍ଦ୍ଧନ ପାତ୍ର ଅଡିଟର ବୁଦ୍ଧିରାମ ସାହୁ, କାର୍ଯ୍ୟକାରୀ କମିଟି ସଭ୍ୟ ରଞ୍ଜିତ କୁମାର ମହାନ୍ତି, ଜ୍ଞାନ ମିଶ୍ର, ଦିବ୍ୟଜ୍ୟୋତି ସାହୁ, ବଳରାମ ବାରିକ, କେ.ଡି. ସାମନ୍ତରାୟ, ରୂପଶ୍ରୀ ପଣ୍ଡା, ମଧୁସ୍ମିତା ସାହୁ, ରଶ୍ମିତା ବେହେରା, ରଶ୍ମିତା ବଡ଼ଜେନା, ରଶ୍ମିରଞ୍ଜନ ବଡ଼ଜେନା, ହରେଶ ଚନ୍ଦ୍ର ନନ୍ଦ, ହରିହର ସେଠୀ, ସତ୍ୟ ଶୋଭନ ବେହେରା, ସଏଦ ଆଜାଦ୍ ନଜର ରେବନିଙ୍କୁ ୩ ବର୍ଷ ପାଇଁ ଚୟନ କରାଯାଇଛି। ରାଜ୍ୟ ସଂଘ ସଭାପତି, ସାଧାରଣ ସମ୍ପାଦକ, ମୁଖ୍ୟ ଉପଦେଷ୍ଟା ଓ ବରିଷ୍ଠ ନେତୃବୃନ୍ଦଙ୍କ ଉପସ୍ଥିତିରେ ନୂତନ କର୍ମକର୍ତ୍ତାଙ୍କ ନାମ ଘୋଷଣା କରାଯାଇଥିଲା।

## ଆଜି କ'ଣ କେଉଁଠି

ଭୁବନେଶ୍ୱର
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଚିତ୍ରଶିଳ୍ପୀ ଡ. ଦୀନନାଥ ପାଠୀଙ୍କ ସପ୍ତମ ବାର୍ଷିକ ଶ୍ରାଦ୍ଧୋତ୍ସବ, ବିଭୂତି କାନୁନ୍‌ଗୋ ଚାରୁ ଓ କାରୁକଳା ମହାବିଦ୍ୟାଳୟ ପରିସରସ୍ଥ ପ୍ରତିମୂର୍ତ୍ତିସ୍ଥଳ, ସକାଳ ୮ଟା ୩୦।
- 'ଚିତ୍ରକାବ୍ୟ' ସୋଲୋ ଆର୍ଟ ପ୍ରଦର୍ଶନୀ, କଳିଙ୍ଗ ଆର୍ଟ ଗ୍ୟାଲେରି, ଅପରାହ୍ନ ୫ଟା।
- ଟାଇମ ଟୁ ସାଇନ ପକ୍ଷରୁ 'ଦି ବଣ୍ଡ ଅଫ ପ୍ରୋଟେକ୍ସନ', ଗୀତଗୋବିନ୍ଦ ସଦନ, ସନ୍ଧ୍ୟା ୬ଟା।

ଟିଗିରିଆ
- ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର କାର୍ଯ୍ୟାଦେଶ ବଣ୍ଟନ ଓ ମିଶନ ଶକ୍ତି ମହିଳା ଗୋଷ୍ଠିଙ୍କୁ ଋଣ ପ୍ରଦାନ, ଟିଗିରିଆ ବ୍ଲକ କାର୍ଯ୍ୟାଳୟ ପରିସର, ପୂର୍ବାହ୍ନ ୧୦ଟା।

# ଅଳିଆଗଦାରୁ ମିଳିଲା ୯୦୦ ବର୍ଷର କୀର୍ତ୍ତିରାଜି

**ବାଲିପାଟଣା,୨୮।୮(ଅଭିମନ୍ୟୁ ନାୟକ)**

**■ମାଟି ତଳେ ଆହୁରି ମୂର୍ତ୍ତି ରହିଛି**
**■ପ୍ରତ୍ନତାତ୍ତ୍ୱିକ ଖନନ ପାଇଁ ଦାବି**

ରକ୍ଷଣାବେକ୍ଷଣ ଅଭାବରୁ ରାଜ୍ୟର ବହୁ ପୁରାତନ କୀର୍ତ୍ତିରାଜି ସବୁ ଧୀରେ ଧୀରେ ହଜିଗଲାଣି। ତେବେ ଏଭଳି ଏକ ପୁରାତନ କୀର୍ତ୍ତିରାଜି ଖୋର୍ଦ୍ଧା ଜିଲା ବାଲିପାଟଣା ତହସିଲ ଅନ୍ତର୍ଗତ ଗୁଆପୁର ଗ୍ରାମରେ ଥିବା ଦେଖିବାକୁ ମିଳିଛି। ଗୁଆପୁର ଗ୍ରାମର ବାଲୁଙ୍କେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅଳିଆଗଦା ତଳେ ପୋତି ହୋଇ ରହିଛି ଅନେକ କୀର୍ତ୍ତିରାଜି ଓ ପ୍ରାଚୀନ ମୂର୍ତ୍ତି। କିଛିଦିନ ତଳେ ଏହି ସ୍ଥାନଟିକୁ ଗସ୍ତ କରିଥିବା ଐତିହ୍ୟ ଗବେଷକ ଦୀପକ କୁମାର ନାୟକ, ଐତିହ୍ୟପ୍ରେମୀ ବିକ୍ରମ ନାୟକ ଓ ସୁମନ ପ୍ରକାଶ ସ୍ୱାଇଁଙ୍କ ପ୍ରଚେଷ୍ଟାରେ ପୁରାତନ ହରପାର୍ବତୀ, ଆସ୍ତିକ ଜରତକରୁ, ଶୈବ ଦ୍ୱାରପାଳ, ଗଜଲକ୍ଷ୍ମୀ ଚିତ୍ରିତ ନବଗ୍ରହ ପ୍ୟାନେଲ ସହିତ ଅନେକ ପ୍ରସ୍ତର ଖମ୍ବ ଅଳିଆ ଗଦାରୁ ପ୍ରାପ୍ତ ହୋଇଛି। ଦୁଃଖର ବିଷୟ ଏ ପର୍ଯ୍ୟନ୍ତ ରାଜ୍ୟ ସଂସ୍କୃତି ବିଭାଗ ଅଥବା ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗର ଏ ସ୍ଥାନ ଉପରେ ଦୃଷ୍ଟି ପଡ଼ି ନାହିଁ। କେବଳ 'ଆମ ଗାଁ ଆମ ବିକାଶ' ଯୋଜନା ଅନ୍ତର୍ଗତ ଏକ ଘରଟିଏ ନିର୍ମାଣ ହୋଇଥିବାବେଳେ ଗ୍ରାମବାସୀ ନିଜସ୍ୱ ଉଦ୍ୟମରେ ଭାଙ୍ଗିଯାଇଥିବା ମନ୍ଦିରର ପୁନରୁଦ୍ଧାର ପାଇଁ ଚେଷ୍ଟା କରୁଛନ୍ତି।



ଏ ସମ୍ପର୍କରେ ଐତିହ୍ୟ ଗବେଷକ ଦୀପକ ନାୟକ କୁହନ୍ତି, ଗୁଆପୁର ଗ୍ରାମର ଏହି ସ୍ଥାନରେ ପୂର୍ବରୁ ଏକ ଅତି ପ୍ରାଚୀନ ମନ୍ଦିର ଥିଲା। କୌଣସି କାରଣରୁ ସେହି ପ୍ରାଚୀନ ମନ୍ଦିରଟି ଭାଙ୍ଗି ପଡ଼ିଥିଲା। ଏହି ମନ୍ଦିର ପରିସରରୁ ଅଳିଆଗଦା ମଧ୍ୟରେ ପୋତି ହୋଇରହିଥିବା ଅନେକ ପୁରାତନ ମୂର୍ତ୍ତିସବୁ ଦେଖିବା ପରେ ସ୍ଥାନୀୟ ଲୋକଙ୍କ ସାହାଯ୍ୟରେ କେତେକ ମୂର୍ତ୍ତି ଉଦ୍ଧାର ହୋଇଥିଲା। ଆହୁରି ଅନେକ ମୂର୍ତ୍ତି ମାଟି ତଳେ ପୋତି ହୋଇରହିଛି। ମିଳିଥିବା ମୂର୍ତ୍ତି ମଧ୍ୟରୁ ହରପାର୍ବତୀଙ୍କ ଏକ ବୃହତ୍ ଆକୃତିର ମୂର୍ତ୍ତି ଅନ୍ୟତମ। ଆଲିଙ୍ଗନ ମୁଦ୍ରାରେ ଥିବା ଏହି ଶିବ ପାର୍ବତୀଙ୍କ ମୂର୍ତ୍ତିରେ ଉଭୟ ବାହନ ବୃଷଭ ଓ ସିଂହ ଚିହ୍ନଟ ହୋଇଛନ୍ତି। ମୂର୍ତ୍ତିଟିରେ ଦେବଦେବୀଙ୍କ ମସ୍ତକ ବିଚ୍ଛିନ୍ନ ହୋଇଯାଇଥିଲା। କିନ୍ତୁ ଅଧିକ ଖୋଜାଖୋଜି ପରେ କିଛି ଦୂରରେ ଦେବୀ ପାର୍ବତୀଙ୍କ ମସ୍ତକଟି ମିଳିଥିଲା, ଶିବଙ୍କ ମସ୍ତକ ମଧ ମାଟିତଳେ କୌଣସି ସ୍ଥାନରେ ପୋତି ହୋଇଥିବାର ସମ୍ଭାବନା ରହିଛି। ଏହାବ୍ୟତୀତ ପୂର୍ବ ମନ୍ଦିରର ଶ୍ରୀଗଣେଶ, କାର୍ତ୍ତିକେୟ, ଗଜଲକ୍ଷ୍ମୀ ଚିତ୍ରିତ ନବଗ୍ରହ ପ୍ୟାନେଲ, ଆସ୍ତିକ ଜରତକରୁ ମୂର୍ତ୍ତି, ଶିଳାଖଣ୍ଡ ଓ ଅନେକ ପ୍ରସ୍ତରଖମ୍ବ ଏହି ସ୍ଥାନରୁ ମିଳିଛି। ଏସବୁର ଗଠନଶୈଳୀ ଓ କାରୁକାର୍ଯ୍ୟକୁ ଦେଖିଲେ ମନ୍ଦିରଟି ପ୍ରାୟ ୧୦ମ/୧୧ଦଶ ଶତାବ୍ଦୀର ସୋମବଂଶୀ ଶାସନକାଳୀନ ହୋଇପାରେ ବୋଲି ନାୟକ କହିଛନ୍ତି।

ଗୁଆପୁର ଗ୍ରାମର ଅଧିବାସୀ ତଥା ଏହି ମନ୍ଦିରର ପୂଜକ ବେଣୁଧର ଦାସ କହିଛନ୍ତି, ଏହି ମନ୍ଦିରରେ ପୁରୁଷାନୁକ୍ରମିକ ଭାବେ ସେବା ପୂଜା କରିଆସୁଛୁ। ପିଲାବେଳେ ଦେଖିଛୁ ମନ୍ଦିରରେ ପ୍ରାୟ ୧୦ ଫୁଟ ଉଚ୍ଚତା ବିଶିଷ୍ଟ ପଥରଗଢ଼ା କାନ୍ଥ ଥିଲା। ଉପରେ କୌଣସି ଛାତ କିମ୍ବା ଅମଳକ ନ ଥିଲା। ଅନେକ ପୁରୁଣା ମୂର୍ତ୍ତି ମନ୍ଦିର ପାଖ ଓ ନିକଟସ୍ଥ ପଦ୍ମପୋଖରୀ ନିକଟରେ ପଡ଼ିଥିଲା। ସେସବୁ ମୂର୍ତ୍ତି ଏବେ ମାଟିତଳେ ଥିବ। ଖନନ ହେଲେ ପୁରୁଣା ମୂର୍ତ୍ତି ମିଳିବ। ମନ୍ଦିରରେ ଛାତ ନଥିବାରୁ ବର୍ଷା ପାଣି ଭିତରକୁ ପଶୁଥିବା ପ୍ରଶାସନକୁ ଜଣାଇବା ପରେ ମନ୍ଦିର ଉପରେ ଏକ ଛୋଟ ଘର କରିବା ବ୍ୟତୀତ ଏହି ସ୍ଥାନକୁ ସରକାରୀ ଅନୁଦାନ ଆସିନାହିଁ। ସରକାର ଏହି ପ୍ରାଚୀନ ପୀଠଟିର ଉନ୍ନତି ଓ ରକ୍ଷଣାବେକ୍ଷଣ ପାଇଁ ଦୃଷ୍ଟି ଦିଅନ୍ତୁ ବୋଲି ଅନୁରୋଧ କରିଛନ୍ତି। ଅପରପକ୍ଷେ ଏ ନେଇ ଇନ୍‌ଟାକ୍ ଭୁବନେଶ୍ୱର ଶାଖାର ଆବାହକ ଐତିହାସିକ ଅନିଲ ଧୀର କହିଛନ୍ତି, ଏହି ସ୍ଥାନଟି କୁଶଭଦ୍ରା ନଦୀ କୂଳରେ ଅବସ୍ଥିତ ଏକ ଐତିହ୍ୟସ୍ଥଳୀ। ପୂର୍ବରୁ ଏହି ନଦୀ ଉପତ୍ୟକାରେ ବିଭିନ୍ନ ଧର୍ମର ଐତିହାସିକ କୀର୍ତ୍ତିରାଜିର ସନ୍ଧାନ ମିଳିଛି। ଏହି ସ୍ଥାନଟିର ପୁନରୁଦ୍ଧାର ଓ ସଂରକ୍ଷଣ ପାଇଁ ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗର ହସ୍ତକ୍ଷେପ ଆବଶ୍ୟକ। ମାଟି ତଳେ ପୋତି ହୋଇଥିବା ପ୍ରାଚୀନ ଅବଶେଷର ସନ୍ଧାନ ପାଇଁ ପ୍ରତ୍ନତତ୍ତ୍ୱ ବିଭାଗ ଏଠାରେ ପ୍ରତ୍ନତାତ୍ତ୍ୱିକ ଖନନ କରୁ ବୋଲି ଧୀର ଗୁରୁତ୍ୱାରୋପ କରିଛନ୍ତି।

## ପନିକିରେ ନିଜ ବେକ କାଟିଦେଲେ

**ମାହାଙ୍ଗା,୨୮।୮ (ଯଯାତି ସିଂହ):** କଟକ ଜିଲା ମାହାଙ୍ଗା ଥାନା ଚାହାପଡ଼ା ପଞ୍ଚାୟତ ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମରେ ସୋମବାର ଏକ ଅଘଟଣ ଘଟିଛି। ଜଣେ ଯୁବକ ପନିକିରେ ନିଜ ବେକ କାଟି ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ପ୍ରଦୀପ୍ତ ବେହୁରା(୪୨)। ଏନେଇ ବାପା ତ୍ରିଲୋଚନ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ପ୍ରଦୀପ୍ତ ଜଣେ ମାନସିକ ରୋଗୀ। ତାଙ୍କ ଔଷଧ ସରିଯାଇଥିଲା। ତ୍ରିଲୋଚନ ଔଷଧ ଆଣିବାକୁ ସକାଳେ ବାହାରକୁ ଯାଇଥିଲେ। ଏହି ସମୟରେ ପ୍ରଦୀପ୍ତ କୌଣସି କାରଣରୁ ଘର ଭିତରେ ଏକ ପନିକିରେ ନିଜ ବେକ କାଟି ବାହାରକୁ ଚାଲିଆସିଥିଲେ। ଏହାଦେଖି ପରିବାରର ଅନ୍ୟ ସଦସ୍ୟମାନେ ୧୦୮ ଆମ୍ବୁଲାନ୍ସକୁ ଖବର ଦେଇଥିଲେ। ଆମ୍ବୁଲାନ୍ସ ପହଞ୍ଚିବା ପୂର୍ବରୁ ପ୍ରଦୀପ୍ତଙ୍କ ମୃତ୍ୟୁ ଘଟିଥିଲା। ଖବରପାଇ ମାହାଙ୍ଗା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ଥାନାରେ ମାମଲା (ନଂ. ୨୨/୨୩) ରୁଜୁ କରିଛି। ଏଥିସହ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ କଟକ ବଡ଼ ଡାକ୍ତରଖାନା ପଠାଇଛି।



କଟକ ସାରଳା ଭବନଠାରେ ସୋମବାର ଅନୁଷ୍ଠିତ ପଦ୍ମଭୂଷଣ କାଳିନ୍ଦୀଚରଣ ପାଣିଗ୍ରାହୀଙ୍କ ସ୍ମୃତିସନ୍ଧ୍ୟାରେ ଡ. ଚନ୍ଦ୍ରଶେଖର ହୋତା, ପିନାକୀ ମିଶ୍ର ଏବଂ ରମେଶ ଚନ୍ଦ୍ର ଜେନାଙ୍କୁ କାଳିନ୍ଦୀ ଚରଣ ସମ୍ମାନ ପ୍ରଦାନ କରାଯାଉଛି। ( ଫଟୋ– ରାଜକିଶୋର ମହାନ୍ତି)

# 'କାଳିନ୍ଦୀଙ୍କୁ କାଳଜୟୀ କରିଛି ଶାଶ୍ୱତ ମୂଲ୍ୟବୋଧ'

**କଟକ,୨୮।୮(କାର୍ତ୍ତିକ ସାହୁ)**

**■କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ ସ୍ମୃତିସନ୍ଧ୍ୟା**
**■ପିନାକୀ, ଚନ୍ଦ୍ରଶେଖର, ରମେଶଙ୍କୁ 'କାଳିନ୍ଦୀଚରଣ ସମ୍ମାନ'**

କବି କାଳିନ୍ଦୀଚରଣ ପାଣିଗ୍ରାହୀଙ୍କ ସାହିତ୍ୟର ଶାଶ୍ୱତ ମୂଲ୍ୟବୋଧ ତାଙ୍କୁ କାଳଜୟୀ କରିଛି। ତାଙ୍କ ସୃଷ୍ଟିର ସ୍ୱାତନ୍ତ୍ରତା ଚିରକାଳ ଜାଜ୍ୱଲ୍ୟମାନ ହୋଇରହିଥିବ। ସାରଳା ସାହିତ୍ୟ ସଂସଦ ପକ୍ଷରୁ ସାରଳା ଭବନଠାରେ ସୋମବାର ସନ୍ଧ୍ୟାରେ ଆୟୋଜିତ ପ୍ରଖ୍ୟାତ ସାରସ୍ୱତ ସ୍ରଷ୍ଟା ତଥା ସଂସଦର ପ୍ରଥମ ସଭାପତି ପଦ୍ମଭୂଷଣ କାଳିନ୍ଦୀଚରଣ ପାଣିଗ୍ରାହୀଙ୍କ ସ୍ମୃତିସନ୍ଧ୍ୟାକୁ ବିଚାରପତି ଡ. ଦୁର୍ଗାପ୍ରସନ୍ନ ଚୌଧୁରୀ ଉଦ୍‌ଘାଟନ କରି ଏହି ମତବ୍ୟକ୍ତ କରିଛନ୍ତି। ଏହି ଅବସରରେ କବି ପିନାକୀ ମିଶ୍ର, ଡ. ଚନ୍ଦ୍ରଶେଖର ହୋତା ଏବଂ କଥାକାର ରମେଶ ଚନ୍ଦ୍ର ଜେନାଙ୍କୁ କାଳିନ୍ଦୀଚରଣ ସମ୍ମାନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଛି।

ସାରଳା ସାହିତ୍ୟ ସଂସଦର ପ୍ରତିଷ୍ଠାତା ଓ ସଭାପତି ଡ. ଇଂ. ପ୍ରଭାକର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସାହିତ୍ୟିକ ହରପ୍ରସାଦ ଦାସ ଯୋଗଦେଇ କହିଲେ, କାଳିନ୍ଦୀଚରଣଙ୍କ ସୃଷ୍ଟିରେ ରବୀନ୍ଦ୍ରନାଥ ଏବଂ ଗାନ୍ଧିଜୀଙ୍କ ବିଚାରଧାରା ବେଶ୍ ପ୍ରତିଫଳିତ ହୋଇଛି। ତାଙ୍କ ରଚିତ 'ମାଟିର ମଣିଷ' ଉପନ୍ୟାସରେ ଗାନ୍ଧୀବାଦ ଓ ମାନବବାଦର ଚିତ୍ର ସୁସ୍ପଷ୍ଟ। ବିଶିଷ୍ଟ ଅତିଥି ଭାବେ ପ୍ରଫେସର ସତ୍ୟନାରାୟଣ ପଣ୍ଡା ଯୋଗଦେଇ କହିଥିଲେ, କାଳିନ୍ଦୀଚରଣଙ୍କ ସୃଷ୍ଟି ସମାଜର ସବୁବର୍ଗର ପାଠକଙ୍କ ଆଦୃତି ଲାଭ କରିଛି। ନୂତନ ଓଡ଼ିଆ ଲେଖିକା, ଲେଖକ ସୃଷ୍ଟି କରିବାରେ କାଳିନ୍ଦୀ ଚରଣଙ୍କ ସ୍ଥାନ ସ୍ୱତନ୍ତ୍ର। ମୁଖ୍ୟବକ୍ତା ଭାବେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗର ମୁଖ୍ୟ ଅଧ୍ୟାପିକା ଡ. ସଂଘମିତ୍ରା ଭଞ୍ଜ ଯୋଗଦେଇ କହିଥିଲେ, କାଳିନ୍ଦୀଚରଣଙ୍କ ମାଟିର ମଣିଷ, ଲୁହାର ମଣିଷ, ମୁକ୍ତାଗଡ଼ର କ୍ଷୁଧା ପ୍ରଭୃତି ଗ୍ରନ୍ଥ ସାହିତ୍ୟର ମାଇଲସ୍ତମ୍ଭ ସଦୃଶ। ତାଙ୍କ ସାହିତ୍ୟରେ ରୋମାଣ୍ଟିକ ଚିନ୍ତା ଓ ବୈପ୍ଳବିକ ଚେତନାର ଅପୂର୍ବ ସମନ୍ୱୟ ଘଟିଛି। ସଭାପତି ଡ. ସ୍ୱାଇଁ କହିଥିଲେ, କାଳିନ୍ଦୀଚରଣ ଶିଶୁ ସାହିତ୍ୟରୁ ଲେଖନୀ ଚାଳନା କରି ପରବର୍ତ୍ତୀ ସମୟରେ କ୍ରାନ୍ତିକାରୀ ଉପନ୍ୟାସ ଓ କାଳଜୟୀ ଗଳ୍ପ ସୃଷ୍ଟି କରିଥିଲେ। ତାଙ୍କ ରଚିତ 'ମାଂସର ବିଳାପ' ଗଳ୍ପ ସମଗ୍ର ଭାରତୀୟ ସାହିତ୍ୟର ଏକ ଅନବଦ୍ୟ କୃତି। ସଂଜିତ ପଟ୍ଟନାୟକ ଅତିଥି ପରିଚୟ ଓ ବିଜୟଲକ୍ଷ୍ମୀ ନାୟକ ଧନ୍ୟବାଦ ଦେଇଥିଲେ। ସୁବାସ ଚନ୍ଦ୍ର ମହାନ୍ତି, ଅଧ୍ୟାପକ ଗୋପୀନାଥ ପଣ୍ଡା, ବିଭୁ ପ୍ରସାଦ ରାଉତ ମାନପତ୍ର ପାଠ କରିଥିଲେ। କବି ପ୍ରସନ୍ନ ଜେନା, କୈଳାସ ଚନ୍ଦ୍ର ଦଳାଇ, ସୋହାଗିନୀ ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବହୁ ସାହିତ୍ୟିକ ଓ ବୁଦ୍ଧିଜୀବୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ସାଢେ ୬ ଲକ୍ଷ ଟଙ୍କାର ହେରୋଇନ ଜବତ, ଯୁବକ ଗିରଫ

**ଭୁବନେଶ୍ୱର,୨୮।୮ (ସୂର୍ଯ୍ୟକାନ୍ତ ବେହେରା):** ଖଣ୍ଡଗିରି ଥାନା ଅନ୍ତର୍ଗତ ଡୁମୁଡୁମା ସୁବାସ ନଗର ବସ୍ତିରେ ଅବକାରୀ ମୋବାଇଲ ୟୁନିଟ୍ ଚଢାଉ କରି ହେରୋଇନ ବେପାର କରୁଥିବା ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ରିଙ୍କୁ ବେହେରା (୧୯)। ତାଙ୍କଠାରୁ ୬୪ ଗ୍ରାମ ହେରୋଇନ ଜବତ ହୋଇଛି। ତେବେ ଜବତ ନିଶାଦ୍ରବ୍ୟର ମୂଲ୍ୟ ସାଢେ ୬ ଲକ୍ଷ ଟଙ୍କାର ହେବ। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ଅଭିଯୁକ୍ତ ଏହି ହେରୋଇନ କେଉଁଠାରୁ ଆଣୁଥିଲେ, କାହାକୁ ବିକ୍ରି କରୁଥିଲେ ଓ ର୍‍ୟାକେଟରେ ଅନ୍ୟକେଉଁମାନେ ସମ୍ପୃକ୍ତ ତାହା ଜାଣିବା ପାଇଁ ଅବକାରୀ ଟିମ୍ ଅଧିକ ତଦନ୍ତ ଚଳାଇଛି।

## ଯୁବତୀଙ୍କୁ ଗୋଡ଼ାଇ ପୋଷାକ ଚିରିଲେ

**ବୋଲବମ୍ ଭକ୍ତଙ୍କ ବିରୋଧରେ ଅଭିଯୋଗ**

**ଭୁବନେଶ୍ୱର,୨୮।୮ (ସତ୍ୟଜିତ୍ ରାଉତ)**

ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ହାଉସିଂବୋର୍ଡ କଲୋନୀ ନିକଟରେ କେତେଜଣ ବୋଲ୍‌ବମ୍ ଭକ୍ତ ଜଣେ ଯୁବତୀଙ୍କୁ ଗୋଡ଼ାଇ କପଡ଼ା ଚିରିବା ସହ ତାଙ୍କ ପୁରୁଷବନ୍ଧୁଙ୍କୁ ମାଡ଼ ମାରିଛନ୍ତି। ରବିବାର ରାତି ପ୍ରାୟ ୧୦ଟା ୩୦ରେ ଏହି ଘଟଣା ଘଟିଥିବାବେଳେ ଯୁବତୀ ଜଣକ ଥାନାରେ ଏନେଇ ଏତଲା ଦେଇଛନ୍ତି। ପୋଲିସ ଏତଲାକୁ ଭିତ୍ତି କରି ତଦନ୍ତ ଜାରି ରଖିଛି। ଅଭିଯୋଗ ଅନୁଯାୟୀ, ରବିବାର ରାତିରେ ଯୁବତୀ ଜଣକ କାମ ସାରି ଡମଣାରୁ ତାଙ୍କ ପୁରୁଷ ବନ୍ଧୁଙ୍କ ସହ କଳିଙ୍ଗ ହସ୍ପିଟାଲ ନିକଟ ଘରକୁ ଯାଉଥିଲେ। ସେମାନେ ହାଉସିଂବୋର୍ଡ କଲୋନୀ ନିକଟରେ ପହଞ୍ଚିବା ବେଳେ ସେଠାରେ ବୋଲବମ୍ ବିଶ୍ରାମ କେନ୍ଦ୍ର ପାଇଁ ଗହଳି ଲାଗି ରହିଥିଲା। ଏପରିକି ରାସ୍ତା ଉପରେ ଭିଡ଼ ହୋଇଥିବାରୁ ସେମାନେ ଯାଇପାରି ନ ଥିଲେ। ତେଣୁ ଯୁବତୀ ଓ ତାଙ୍କ ପୁରୁଷବନ୍ଧୁ ସେମାନଙ୍କୁ ରାସ୍ତାରୁ ଗାଡ଼ି ହଟାଇବାକୁ କହିଥିଲେ। ଫଳରେ କେତେଜଣ ବୋଲ୍‌ବମ୍ ଭକ୍ତ ଓ ସେମାନଙ୍କ ସହଯୋଗୀ ଏମାନଙ୍କ ସହ ଯୁକ୍ତିତର୍କ କରିଥିଲେ। ତା'ପରେ ସଂଘବଦ୍ଧ ହୋଇ ଯୁବତୀଙ୍କ ପୁରୁଷବନ୍ଧୁଙ୍କୁ ମାଡ଼ ମାରିଥିଲେ। ଭୟରେ ସେମାନେ ସେଠାରୁ ପଳାଇ ଆସୁଥିବାବେଳେ ଅଭିଯୁକ୍ତମାନେ ଗୋଡ଼ାଇ ଯୁବତୀଙ୍କ ପୋଷାକ ଚିରି ଆକ୍ରମଣ କରିଥିଲେ। ଏହି ଘଟଣାରେ ତଦନ୍ତ ଜାରି ରହିଥିବା ଥାନାଧିକାରୀ ପ୍ରକାଶ ମାଝୀ କହିଛନ୍ତି।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଶୁଭମ୍



@ ଅଭୀପ୍ସା



@ ଆଲୋକ



@ ସୁବାସ



@ ଶ୍ରୀନିବାସ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ଚିଲିକାରେ ପୁଣି ଫସିଲା ଡଙ୍ଗା



ଫସିଥିବା ଯାତ୍ରୀଙ୍କୁ ଦୁଇଟି ଡଙ୍ଗାରେ ଉଦ୍ଧାର କରାଯାଉଛି।

**କୃଷ୍ଣପ୍ରସାଦ,୨୮।୮ (କୈଳାସ ଚନ୍ଦ୍ର ପଟ୍ଟନାୟକ)**

ଯାନ୍ତ୍ରିକ ତ୍ରୁଟି ଯୋଗୁ ସୋମବାର ଚିଲିକାରେ ଏକ ଯାତ୍ରୀବାହୀ ଡଙ୍ଗା ଫସିରହିଥିଲା। ଫଳରେ ଏଥିରେ ଥିବା ଯାତ୍ରୀମାନେ ଭୟଭୀତ ହୋଇପଡ଼ିଥିଲେ। ଘଣ୍ଟାଏ ପରେ ଦୁଇଟି ଡଙ୍ଗା ପହଞ୍ଚିବା ପରେ ଯାତ୍ରୀମାନଙ୍କୁ ଉଦ୍ଧାର କରାଯାଇଛି। ସୂଚନା ମୁତାବକ, ଅପରାହ୍ନ ୧ଟାରେ ପୁରୀ ଜିଲା ସାତପଡ଼ାରୁ ଏକ ଡଙ୍ଗା ୪୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଓ ବାଇକ୍ ନେଇ ଜହ୍ନିକୁଦା ଅଭିମୁଖେ ଆସୁଥିଲା। କିଛି ବାଟ ଚିଲିକାରେ ଆସିବା ପରେ ଡଙ୍ଗାର ଯାନ୍ତ୍ରିକ ତ୍ରୁଟି ଦେଖାଦେଇଥିଲା। ମୋଟର ନ ଚାଲିବା ଯୋଗୁ ଡଙ୍ଗାଟି ଚିଲିକାରେ ଫସି ରହିଥିଲା। ଫଳରେ ଯାତ୍ରୀମାନେ ଭୟଭୀତ ହୋଇପଡ଼ିଥିଲେ। ଡଙ୍ଗା ଚାଳକ ଜହ୍ନିକୁଦା ଘାଟ ପେଣ୍ଟକୁ ଖବରଦେବା ପରେ ଜହ୍ନିକୁଦାରୁ ଦୁଇଟି ଡଙ୍ଗା ଉଦ୍ଧାର ପାଇଁ ପହଞ୍ଚିଥିଲା। ପରେ ସମସ୍ତ ଯାତ୍ରୀଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇ କୂଳକୁ ଅଣାଯାଇଥିଲା।

# ଚିନ୍ତା ବଢ଼ାଇଲା ଝାଡ଼ାବାନ୍ତି, ଗଲାଣି ୫ ଜୀବନ

**ଭୁବନେଶ୍ୱର,୨୮।୮(ଅଭିଜିତ ଦାସ)**

**ସିନ୍ଧେକେଲା ଗଲା ସ୍ୱତନ୍ତ୍ର ଡାକ୍ତରୀ ଟିମ୍**

**■ଜୁଲାଇରେ କୋରାପୁଟ ପଟାଙ୍ଗୀରେ ୩ଜଣଙ୍କ ମୃତ୍ୟୁ**
**■ଏବେ ବଲାଙ୍ଗୀର ସିନ୍ଧେକେଲାରେ ୨ମୃତ, ୧୨ରୁ ଅଧିକ ଗୁରୁତର**

ରାଜ୍ୟର ବିଭିନ୍ନ ଜିଲାରେ ଏବେ ଝାଡ଼ାବାନ୍ତି ବ୍ୟାପୁଛି। ଡେଙ୍ଗୁକୁ ନେଇ ଲୋକେ ଭୟ ଓ ଆଶଙ୍କାରେ ରହୁଥିବାବେଳେ ଝାଡ଼ାବାନ୍ତି ଚିନ୍ତା ବଢ଼ାଇଛି। ବିଶେଷକରି ପଶ୍ଚିମ ଓଡ଼ିଶାରେ ଝାଡ଼ାବାନ୍ତିରେ ୫ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଶତାଧିକ ଆକ୍ରାନ୍ତ ହେଲେଣି। ଜୁଲାଇରେ କୋରାପୁଟ ଜିଲା ପଟାଙ୍ଗୀ ଅଞ୍ଚଳରେ ଝାଡ଼ାବାନ୍ତିରେ ୩ଜଣଙ୍କ ଜୀବନ ଯାଇଥିଲା। ଏବେ ବଲାଙ୍ଗୀର ଜିଲା ସିନ୍ଧେକେଲା ବ୍ଲକ୍‌ରେ ଝାଡ଼ାବାନ୍ତିରେ ୨ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୧୨ରୁ ଊର୍ଦ୍ଧ୍ୱ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଏଥିସହ ବ୍ଲକ୍‌ର ବିଭିନ୍ନ ଗାଁରେ ଝାଡ଼ାବାନ୍ତି ନିୟନ୍ତ୍ରଣକୁ ଆସି ନ ଥିବା ଜଣାପଡିଛି। ସୋମବାର ୨ଜଣ ବିଶେଷଜ୍ଞଙ୍କୁ ନେଇ ଗଠିତ ଟିମ୍ ସିନ୍ଧେକେଲାକୁ ପଠାଯାଇଛି। ରାଜ୍ୟ ଆର୍‌ଆର୍‌ଟି ସଭ୍ୟ ଡାକ୍ତର ସୁରଜିତ ଗରାବଡୁ ଓ ମହାମାରୀ ବିଶେଷଜ୍ଞ ଡାକ୍ତର ସୁନିତା ଜେନା ସ୍ଥିତି ଅନୁଧ୍ୟାନ କରି ସ୍ୱାସ୍ଥ୍ୟ ବିଭାଗକୁ ରିପୋର୍ଟ ଦେବେ। ଏଥିସହ ବଲାଙ୍ଗୀର ସିଡିଏମ୍‌ଓ ଓ ସିନ୍ଧେକେଲା ବିଏଚ୍‌ଓଙ୍କ ସହ ଝାଡ଼ାବାନ୍ତି ନିୟନ୍ତ୍ରଣ ଓ ରୋଗଙ୍କ ଚିକିତ୍ସା ନେଇ ଆଲୋଚନା କରି ପଦକ୍ଷେପ ନେବେ। ଅନ୍ୟପକ୍ଷରେ ଏଥିସହ ଡିଏମ୍‌ଇଟି ପକ୍ଷରୁ ସିନ୍ଧେକେଲା ସମେତ ଉକ୍ତ ଅଞ୍ଚଳର ବିଭିନ୍ନ ସ୍ଥାନକୁ ଭୀମଭୋଇ ମେଡିକାଲ କଲେଜରୁ ଡାକ୍ତରୀ ଓ ମାଇକ୍ରୋବାଇଲୋଜି ଦଳ ପଠାଇବାକୁ ନିର୍ଦ୍ଦେଶ ଜାରି କରାଯାଇଛି। ଉକ୍ତ ଟିମ୍‌ରେ କମ୍ୟୁନିଟି ମେଡିସିନ୍, ମାଇକ୍ରୋବାୟୋଲୋଜି ବିଶେଷଜ୍ଞ ପ୍ରମୁଖ ରହି ଚିକିତ୍ସା ଯୋଗାଇବାକୁ ନିର୍ଦ୍ଦେଶ ଦିଆଯାଇଛି। କେବଳ ଏହି ଦୁଇ ଜିଲା ନୁହେଁ, ରାଜ୍ୟର ଅନ୍ୟ ଜିଲାଗୁଡିକରେ ମଧ୍ୟ ଝାଡ଼ାବାନ୍ତି ବ୍ୟାପୁଥିବା ସୂଚନା ମିଳିଛି।

ବିଶେଷକରି ପଶ୍ଚିମ ଓଡ଼ିଶାରେ ଦୂଷିତ ତଥା ସଂକ୍ରମିତ ପାଣି ପିଇ ଲୋକେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହେଉଥିବା କୁହାଯାଉଥିଲେ ମଧ୍ୟ ବିଭିନ୍ନ କାରଣରୁ ପ୍ରତିବର୍ଷ ଏହି ରୋଗ ବ୍ୟାପିଥାଏ। ସ୍ୱାସ୍ଥ୍ୟ ବିଭାଗ ତଥ୍ୟ ଅନୁଯାୟୀ, ରାଜ୍ୟରେ ୨୦୨୦–୨୧ ମସିହା ମଧ୍ୟରେ ୨୦୯ଟି ନମୁନାରୁ ୧୧ଜଣ ଝାଡାବାନ୍ତି ରୋଗରେ ଆକ୍ରାନ୍ତ ହୋଇଥିବା ଜଣାପଡିଥିଲା। ତେବେ ଏମାନଙ୍କ ମଧ୍ୟରୁ ୪ ଜଣଙ୍କ ମୃତ୍ୟୁ ହୋଇଥିଲା। ସେହିପରି ୨୦୨୧–୨୨ରେ ୨୦୦୭ ନମୁନାରୁ ୬୯ ଝାଡାବାନ୍ତି ରୋଗୀଙ୍କୁ ଚିହ୍ନଟ କରାଯାଇଥିଲା। ଉକ୍ତବର୍ଷ ମୃତ୍ୟୁ ସଂଖ୍ୟା ୩୦କୁ ବୃଦ୍ଧି ପାଇଥିଲା। ତେବେ ଚଳିତବର୍ଷ ଜୁନ୍ ସୁଦ୍ଧା ୩୧୪ ନମୁନାରୁ ୧୦ ଜଣ ରୋଗୀଙ୍କୁ ଚିହ୍ନଟ କରାଯାଇଥିଲା। ପରବର୍ତ୍ତୀ ସମୟରେ ଜୁଲାଇ ୪ ତାରିଖରେ କୋରାପୁଟ ଜିଲାର ପଟ୍ଟାଙ୍ଗୀ ଅଞ୍ଚଳରେ ଝାଡାବାନ୍ତି ଆକ୍ରାନ୍ତରେ ୩ ଜଣଙ୍କ ମୃତ୍ୟୁ ହୋଇଥିଲା। ଏହାପରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜୁଲାଇ ୧୦ରେ ଝାଡାବାନ୍ତି ରୋଗ ନିୟନ୍ତ୍ରଣ ପାଇଁ ଇଣ୍ଟିଗ୍ରେଟେଡ୍ କ୍ୟାମ୍ପ କରାଯାଇ ଜିଲାର ପାଣି ଉତ୍ସଗୁଡିକ ବିଶୋଧନ କରାଯାଇଥିଲା। ତେବେ କ୍ୟାମ୍ପର ଏକ ମାସ ପରେ ବଲାଙ୍ଗୀର ସିନ୍ଧେକେଲାରେ ଝାଡ଼ାବାନ୍ତି ବ୍ୟାପିବା ସ୍ୱାସ୍ଥ୍ୟ ବିଭାଗକୁ ଚିନ୍ତାରେ ପକାଇଛି।

